# ପାଣି ପାଇଁ ଲୋକେ ୱାଟ୍‌କୋ କାର୍ଯ୍ୟାଳୟ ଫାଟକରେ ତାଲା ପକାଇଲେ

**ଅଧିକାରୀଙ୍କୁ ଭିତରକୁ ଛାଡିଲେ ନାହିଁ**

ଯାଜପୁରରୋଡ଼,୧୧।୩(ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ସହରରେ ପାନୀୟ ଜଳ ଯୋଗାଣ ସମସ୍ୟା ଦୀର୍ଘ ଦିନ ଧରି ଲାଗି ରହିଛି । ଏନେଇ ସହରବାସୀ ବାରମ୍ବାର ପୌରପରିଷଦ ଏବଂ ୱାଟକୋ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇପାରୁନାହିଁ, ଯାହାକୁ ନେଇ ସୋମବାର ୫୦ରୁ ଊର୍ଦ୍ଧ୍ୱ ଲୋକ ଦଳାସ୍ଥିତ ୱାଟକୋ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଦୀର୍ଘ ସମୟ ଧରି କାର୍ଯ୍ୟାଳୟ ଭିତକୁ କାହାକୁ ଛାଡ଼ି ନ ଥିଲେ । ଏହି ସମୟରେ ୱାଟକୋ ସହାୟକ ପରିଚାଳକ ବିଚିତ୍ରାନନ୍ଦ ପୁହାଣ କାର୍ଯ୍ୟାଳୟରେ



ଉତ୍ତ୍ୟକ୍ତ ଲୋକମାନେ ୱାଟ୍‌କୋ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ଉପସ୍ଥିତ ନ ଥିଲେ। ତାଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରେ ସେ ଫୋନ ଉଠାଇ ନ ଥିଲେ ବୋଲି ଉପସ୍ଥିତ ଲୋମାନେ କହିଛନ୍ତି । ୧୮ନଂ. ନିୟୁ ମାର୍କେଟ, ୧୯ନଂ. ନଟପଡା ଏବଂ ୨୦ ନଂ. ଦଳା ଅଞ୍ଚଳରେ ବହୁ ସମୟରେ ପାଣି ଆସୁ ନ ଥିବା ଓ ପାଇପରୁ ଗୋଳିଆ ପାଣି ବାହାରୁଥିବା ଅଭିଯୋଗ କରାଯାଇଛି। ଖବର ପାଇ ସହକାରୀ ପରିଚାଳକ ପୁହାଣ ପହଞ୍ଚି ଉତ୍ୟକ୍ତ ଲୋକମାନଙ୍କୁ ବୁଝାଶୁଝା କରିବା ସହ ଯାହା ସମସ୍ୟା ଅଛି ୨ ଦିନ ମଧ୍ୟରେ ତା'ର ସମାଧାନ କରାଯିବ ସେ ପର୍ଯ୍ୟନ୍ତ ଟ୍ୟାଙ୍କର ସାହାଯ୍ୟରେ ପାଣି ଯୋଗାଇଦେବାକୁ ପ୍ରତିଶ୍ରୁତି ଦେବାପରେ ଫାଟକରୁ ତାଲା ଖୋଲାଯାଇଥିଲା ।

ପୂର୍ବତନ କାଉନସିଲର ମୋହନ ଚନ୍ଦ୍ର ସାହୁ,ଦେବବ୍ରତ ମହାପାତ୍ର, ଜଗନ୍ନାଥ ବେହେରା,ଦିଲୀପ ପରିଡ଼ା, ନନ୍ଦକିଶୋର ସାହୁ, ରାଜନ ସାହୁ, ନିରଞ୍ଜନ ସାହୁ, ସତ୍ୟବ୍ରତ ପଥାଳ, ଦେବେନ୍ଦ୍ର ରାଓ, ବଳରାମ ରାଓ, ଶ୍ରୀକାନ୍ତ ଜେନା ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ । ରାଜ୍ୟ ସରକାର ସହରାଞ୍ଚଳରେ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଅନେକ କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ବାସ୍ତବରେ ତାହା କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହୋଇଛି। ବ୍ୟାସନଗର ସହରର ସମୁଦାୟ ୨୬ୱାର୍ଡ ମଧ୍ୟରୁ ୧୧ ୱାର୍ଡରେ ୨୪ ଘଣ୍ଟିଆ ଜଳ ଯୋଗାଣ ପାଇଁ ପାଇପ ବିଛା କାର୍ଯ୍ୟ ସାରିଛି । ଅନ୍ୟ ୧୫ଟି ୱାର୍ଡ କାର୍ଯ୍ୟ ଚାଲୁରହିଛି । ଏହାପରେ ଏହି ସମସ୍ୟା ରହିବ ନାହିଁ ବୋଲି ଅଧିକାରୀ ପୁହାଣ କହିଛନ୍ତି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବିଭୂତି



@ ବିଦେଶୀ



@ ରମ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**ସଂକ୍ଷେପରେ**

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ଛୁରାମାଡ଼

ଯାଜପୁରରୋଡ଼,୧୧।୩(ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁରରୋଡ଼ ଥାନା ଦାନଗଦି ବ୍ଲକ ଅନ୍ତର୍ଗତ କୁମ୍ଭିରା ଗଡ଼ିଆ ଗ୍ରାମର ବିକ୍ରମ ସାମଲ(୨୦)ଙ୍କୁ ଖପୁରିଆ ପାଦ ଛକ ନିକଟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଛୁରା ମାଡ଼ ହୋଇଛି । ଅପରାହ୍ଣ ସାଢେ ୫ଟା ସମୟରେ ସେହି ଗ୍ରାମର କାହ୍ନୁ ଚରଣ ନାୟକଙ୍କ ୨ ପୁଅ ନରେଶ ଓ ପରେଶ ମିଶି ଏକ ଛୁରିରେ ବିକ୍ରମଙ୍କ ପଛପଟରୁ ଆକ୍ରମଣ କରିଥିଲେ । ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ପ୍ରଥମେ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

## ମିନିଟ୍ରକ ଧକ୍କାରେ ଜଣେ ମୃତ, ୨ ଆହତ

ବ୍ରହ୍ମବରଦା ୧୧।୩ (ଯଯାତି କେଶରୀ ବେହେରା) :

ବ୍ରହ୍ମବରଦା ଥାନା ଅନ୍ତର୍ଗତ ନାଳକୂଳ ବାଳିଆଘାଇ ଇଣ୍ଡିଆନ ପେଟ୍ରୋଲ ପମ୍ପ ନିକଟରେ ସୋମବାର ସନ୍ଧ୍ୟାରେ ଏକ ମିନିଟ୍ରକ(୪୦୭) ଗାଡ଼ି (ନଂ.୦୪ କେ ୯୫୭୭) ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ୨ ଜଣ ଗୁରୁତର ହୋଇଛନ୍ତି । ସାମନ୍ତରାପୁର ପଞ୍ଚାୟତର କୂଳଗାଁ ଗ୍ରାମର ସଞ୍ଜୟ ତରାଇ (୨୨) ସନ୍ଧ୍ୟାରେ ଏକ ବାହାଘର କାର୍ଯ୍ୟରେ ଯୋଗଦେଇ ଦୁଇ ବନ୍ଧୁଙ୍କ ସହିତ ମାମୁଙ୍କ ଘରକୁ ଯାଉଥିଲେ । ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ମିନି ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ସଞ୍ଜୟଙ୍କ ମୃତ୍ୟୁ ଘଟିଥିବା ବେଳେ ମଙ୍ଗଳପୁର ପଞ୍ଚାୟତର ୨ବନ୍ଧୁ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି ।

## ନୀଳାଚଳ ଆନ୍ଦୋଳନକାରୀଙ୍କ ଦ୍ୱିତୀୟ ଥର ଆଲୋଚନା ବିଫଳ

କଳିଙ୍ଗନଗର,୧୧।୩(ଶୁଭାଶିଷ ରାଉତ )

ନୀଳାଚଳ ବାସଚ୍ୟୁତଙ୍କ ଗଣଧାରଣାକୁ ୩୧ ଦିନ ବିତିଛି । କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ଡାକରାରେ ସୋମବାର ଅପରାହ୍ନରେ ଯାଜପୁର ରୋଡ ଏଡିଏମ୍ କାର୍ଯ୍ୟାଳୟଠାରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଯାହାକି ଦ୍ୱିତୀୟ ଥର ପାଇଁ ବିଫଳ ହୋଇଥିବା ଜଣାପଡ଼ିଛି। କାରଖାନା କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କ ପୁନର୍ବାସ ଓ ଥଇଥାନ ନିତୀ ବାହାରେ କିଛି ହେବା ସମ୍ଭବ ନୁହେଁ ବୋଲି କହିଥିଲେ । ସେହିପରି ଆନ୍ଦୋଳନକାରୀମାନେ ପୂର୍ବରୁ ଆରପିଡିଏସି ବୈଠକରେ ହୋଇଥିବା ଆଲୋଚନା ଅନୁସାରେ ମୃତ ବିସ୍ଥାପିତଙ୍କ ଉତ୍ତରାଧିକାରୀଙ୍କୁ କାରଖାନାରେ ନିଯୁକ୍ତି ସୁଯୋଗ ଦେବାକୁ ପୂର୍ବର ଦାବି ଦୋହରାଇ ଥିଲେ । ଆଲୋଚନାରେ କୌଣସି ନିଷ୍କର୍ସ ନ ବାହାରିବାରୁ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି । ଘଟଣାର ସମାଧାନ ପାଇଁ ଏଡିଏମ ଅଧିକ ୭ ଦିନ ମହଲତ ନେଇଥିବା ଜଣାପଡିଛି। ବୈଠକରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ, କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏସ. ଟପ୍ପୋ, କଳିଙ୍ଗନଗର ଥାନା ଅଧିକାରୀ ରଞ୍ଜନ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ମେଣ୍ଟକୁ ନେଇ ଆଶା ଆଶଙ୍କାରେ ପ୍ରାର୍ଥୀ

ଯାଜପୁର,୧୧।୩(ହର୍ଷବର୍ଦ୍ଧନ ବେହେରା) :

ରାଜ୍ୟରେ କ୍ଷମତାସୀନ ବିଜେଡି ଓ କେନ୍ଦ୍ର ନେତୃତ୍ୱାଧୀନ ଭାଜପା ଏଥର ବୁଝାମଣା ଭିତ୍ତିରେ ନିର୍ବାଚନ ଲଢିବାକୁ ଯାଉଛନ୍ତି ବୋଲି ରାଜ୍ୟସାରା ହୁଲସ୍ଥୁଲ ପଡିଛି। ହେଲେ ଯାଜପୁର ଜିଲାରେ ନିର୍ବାଚନ ଲଢିବାକୁ ଆଶାୟୀ ପ୍ରାର୍ଥୀମାନେ ଆଶା ଆଶଙ୍କାରେ ଦିନ କାଟୁଛନ୍ତି। ଏବେ ଅକଳରେ ପଡିଛନ୍ତି ଦଳ ପରିବର୍ତ୍ତନ କରିଥିବା କେତେଜଣ ଟିକେଟ ଆଶାୟୀ। କାରଣ ଏମାନେ ରାଜନୈତିକ ଦଳ ବଦଳେଇବାର କେଇ ଦିନ ମଧ୍ୟରେ ରାଜନୀତି ବଦଳିଯିବାର ଆଶଙ୍କା ସୃଷ୍ଟି ହୋଇଛି। କେବଳ ଦଳ ଡିଆଁ ନୁହନ୍ତି, ନୂଆ ସମୀକରଣ ନେଇ ଘର ସଜାଡୁ ଥିବା ନେତାଙ୍କ ମୁଣ୍ଡ ମଧ୍ୟ ଅକଳ ଗୁଡୁମ ହୋଇଥିବା ଚର୍ଚ୍ଚା ହେଉଛି। କେଉଁ ଆଧାରରେ ଆସନ ବୁଝାମଣା ହେବ, ତାହା ସ୍ପଷ୍ଟ ହୋଇ ନ ଥିଲେ ବି କେତେଜଣ ଆଶାୟୀ ଏଥର ନିଶ୍ଚିତ ପ୍ରାର୍ଥୀ ହେବେ ବୋଲି ତାଙ୍କ ସମର୍ଥକମାନେ କହି ବୁଲୁଛନ୍ତି।

**ଟିକେଟ ମିଳୁ କି ନ ମିଳୁ ଠିଆ ହେବା ନିଶ୍ଚିତ ବୋଲି ଚର୍ଚ୍ଚା**

ମେଣ୍ଟ ହେଲେ କେଉଁ ଆସନ କାହା ମୁଣ୍ଡରେ ପଡିବ ତା'ର ପୂର୍ବାନୁମାନ କରି ହେଉନାହିଁ। ତେଣୁ ଆଶାୟୀଙ୍କ ଏଭଳି ଆଶଙ୍କା ହେବା ସ୍ୱାଭାବିକ । ଆସନ ବୁଝାମଣାକୁ ଅତୀତ ଘଟଣାକୁ ମନେ ପକାଇଲେ ସୂତ୍ରଟି ହେଉଛି ତେଲିଆ ମୁଣ୍ଡରେ ତେଲ। ପ୍ରାର୍ଥୀଙ୍କ ପତିଆରାକୁ ଦୃଷ୍ଟିରେ ରଖି ଭାଗବଣ୍ଟା ଚୂଡ଼ାନ୍ତ ହୋଇଥାଏ। ଏହାଦ୍ୱାରା ତୃଣମୂଳସ୍ତରର ନେତା ବଳି ପଡନ୍ତି ଏବଂ କେତେଜଣ ପ୍ରଭାବଶାଳୀ ନେତାଙ୍କ ଭାଗ୍ୟ ଚମକି ଉଠିଥାଏ। ଏହି କ୍ରମରେ ଯାଜପୁର ଜିଲାର ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ଭାଜପାର ପ୍ରଦୀପ ବଳ ସାମନ୍ତ, କୋରେଇ ଭାଜପାରୁ ଆଲେକ୍‌ଜାଣ୍ଡର ଦାସ, ଧର୍ମଶାଳାର ଭାଜପା ନେତା ହିମାଂଶୁ ଶେଖର ସାହୁ, ବିଜେଡିରୁ ନୂତନ କରି ଭାଜପା ଶିବିରକୁ ଯାଇଥିବା ଦେବାଶିଷ ନାୟକ, ବଡ଼ଚଣାରୁ ଭାଜପା ନେତା ଅମର ନାୟକ ପ୍ରମୁଖ ବଳି ପଡିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ବିଜେଡିରୁ କୋରେଇ ପୂର୍ବତନ ବିଧାୟକ ଆକାଶ ଦାସନାୟକ ଏଥର ଲୋକଙ୍କ ଅତି ନିକଟତର ହେବାରେ ସକ୍ଷମ ହୋଇ ପାରିଥିବା ମନେ ହେଉଛି। ତେଣୁ ତାଙ୍କ ପାଇଁ ମଧ୍ୟ ଏବେ ମେଣ୍ଟକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ହେଲେ ତାଙ୍କ ସମର୍ଥକମାନେ ଟିକେଟ ମିଳୁ କି ନ ମିଳୁ, ମେଣ୍ଟ ହେଲେ କିଛି ଯାଏ ଆସେ ନୁହେଁ ନିର୍ବାଚନ ମଇଦାନରେ ଠିଆ ହେବା ନିଶ୍ଚିତ ବୋଲି କହି ବୁଲୁଛନ୍ତି। ସାମାଜିକ ଗଣମାଧ୍ୟମରେ ମଧ୍ୟ ଏନେଇ ଚର୍ଚ୍ଚା ଜୋର ଧରିଛି। ବିଜେଡିରେ ସେହିପରି ବରୀରୁ ଉଭୟ ବିଧାୟିକା ସୁନନ୍ଦା ଦାସ ଓ ବିଶ୍ୱରଞ୍ଜନ ମଲିକ, ବଡ଼ଚଣାରୁ ଅମର ପ୍ରସାଦ ଶତପଥୀ ଏବଂ କୋରେଇର ବିଧାୟକ ଅଶୋକ ବଳଙ୍କ ମଧ୍ୟରେ ଆଶଙ୍କା ବଢି ଯାଇଛି।

## ନାବାଳିକାଙ୍କୁ ବଳାତ୍କାର କରିଥିବା ବୃଦ୍ଧ ଗିରଫ

ବ୍ରହ୍ମବରଦା,୧୧।୩(ଯଯାତି କେଶରୀ ବେହେରା):

ବ୍ରହ୍ମବରଦା ଥାନା ଅଧୀନ ବନ୍ଧଡିଅ ପଞ୍ଚାୟତ ସାହାପଡା ଗ୍ରାମର ଜଣେ ୧୩ ବର୍ଷୀୟା ନାବାଳିକାକୁ ବଳାତ୍କାର କରିଥିବା ଅଭିଯୁକ୍ତ ଆଦିକନ୍ଦ ବେହେରା(୭୬)ଙ୍କ ସୋମବାର ବ୍ରହ୍ମବରଦା ପୋଲିସ ଗିରଫ କରି ହୋଇ କୋର୍ଟ ଚାଲାଣ କରିଛି। ଗତ ଫେବୃଆରୀ ୨୫ତାରିଖ ଅପରାହ୍ନ ରେ ବନ୍ଧଡିହ ପଞ୍ଚାୟତ ସାହାପଡା ଗ୍ରାମର ସମ୍ପୃକ୍ତା ନାବାଳିକାଙ୍କ ଘରେ ବିବାହ ଉତ୍ସବ ଚାଲିଥିବା ବେଳେ ନାବାଳିକା ଜଣକ ଆଦିକନ୍ଦଙ୍କ ସ୍ତ୍ରୀଙ୍କୁ ଡାକିବାକୁ ଯାଇଥିଲେ। ସ୍ତ୍ରୀ ଘରେ ନ ଥିବା ବେଳେ ଆଦିକନ୍ଦ ଏକୁଟିଆର ସୁଯୋଗ ନେଇ ନାବାଳିକାକୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୪୭/୨୪) ରୁଜୁ ହୋଇଛି।

## କାଳିନ୍ଦୀ ହତ୍ୟା ଅଭିଯୁକ୍ତ କୋର୍ଟ ଚାଲାଣ

ଯାଜପୁର ସଦର ୧୧।୩(ସମର ବିଜୟ ଶରଣ)

ଯାଜପୁର ସଦର ଥାନା ଅନ୍ତର୍ଗତ ଜମଧର ଗ୍ରାମରେ ଗତ ୯ ତାରିଖରେ ଘଟିଥିବା ବହୁ ଚର୍ଚ୍ଚିତ କାଳନ୍ଦୀ ହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ସୁରେନ୍ଦ୍ର ବେହେରାଙ୍କୁ ସୋମବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି । ଘଟଣା ଦିନ ସକାଳ ୭ଟାରେ ସପ୍ନେଶ୍ୱରପୁରର କାଳନ୍ଦୀ ମଳିକ ନିଜ ଗ୍ରାମର ଅନ୍ୟ ୨ ଜଣଙ୍କ ସହିତ ଏକ ବାଇକ୍‌ରେ ଜମଧର ଗ୍ରାମକୁ ଯାଇ ଫେରିବା ସମୟରେ ଜମଧର ଗ୍ରାମର ସୁରେନ୍ଦ୍ର ବେହେରା ନିଜ ଘରପାଖରେ ବାଇକ୍ ଅଟକାଇ ତାଙ୍କୁ ଅତର୍କିତ ଭାବେ ଏକ ଧାରୁଆ କଟୁରିରେ ଆକ୍ରମଣ କରିଥିଲେ । ଘଟଣାସ୍ଥଳରେ କାଳନ୍ଦୀଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ସଦର ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିବା ସହ ହତ୍ୟାରେ ବ୍ୟବହୃତ କଟୁରୀକୁ ଜବତ କରି ଥାନାକୁ ଆଣିଥିଲା । ପରେ ସାଇଣ୍ଟଫିକ ଟିମ୍ ସହ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା । ଏ ସମ୍ପର୍କରେ ମୃତକଙ୍କ ପୁଅ ଦୀନବନ୍ଧୁଙ୍କ ଲିଖିତ ଅଭିଯୋଗ ପରେ ସଦର ପୋଲିସ ଏକ ମାମଲା(ନଂ.୬୭/୨୦୨୪) ରୁଜୁ କରି ତଦନ୍ତ ଜାରି ରଖିଥିଲା ।

## ଭିସା କାରଖାନାରେ ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ





ଉଦ୍‌ଯାପନୀ ଉତ୍ସବରେ କାରଖାନାର ଅଧିକାରୀ ଓ କର୍ମଚାରୀ ।

**କଳିଙ୍ଗନଗର,୧୧।୩(ଶୁଭାଶିଷ ରାଉତ)**

କଳିଙ୍ଗନଗର ଶିଳ୍ପାଞ୍ଚଳର ଭିସା କାରଖାନା ପକ୍ଷରୁ କାରଖାନା ପରିସରରେ ୫୩ ତମ ଜାତୀୟ ସୁରକ୍ଷା ସପ୍ତାହର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଯାଜପୁର ରୋଡ଼ ଡିଭିଜନର କାରଖାନା ଓ ବାଷ୍ପିତ ଉପ-ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ସୁତାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାରଖାନାରେ ଅନୁଷ୍ଠିତ ସୁରକ୍ଷା ସନ୍ଧ୍ୟା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ପରେ କାରଖାନାର ଶ୍ରମିକ ଓ କର୍ମଚାରୀମାନେ 'ସେଇ ଗୋଟିଏ ଭୁଲ' ନାଟକ ମଞ୍ଚସ୍ଥ କରିଥିଲେ । ଏହି ନାଟକ ମାଧମରେ କାରଖାନାର ସମସ୍ତ ଶ୍ରମିକ ଓ କର୍ମଚାରୀ ସୁରକ୍ଷା ନିୟମ ଅନୁପାଳନ ନ କଲେ କି ପ୍ରକାର ଅସୁବିଧା ହୋଇଥାଏ ତାହା ଦର୍ଶାଯାଇଥିଲା । ସୁରକ୍ଷା ପ୍ରତି ସଚେତନତାର ବାର୍ତ୍ତା ଏହି ନାଟକ ମାଧ୍ୟମରେ ଦିଆଯାଇଥିଲା । ମୁଖ୍ୟ ଅତିଥି ସୁତାର ସୁରକ୍ଷା ନିୟମକୁ ଠିକ୍ ଢଙ୍ଗରେ ପାଳନ କରିବା ପାଇଁ କାରଖାନାର ସମସ୍ତ କର୍ମଚାରୀ ଓ ଶ୍ରମିକ ମାନଙ୍କୁ ଉପଦେଶ ଦେଇଥିଲେ । ନିଜେ ଶୃଙ୍ଖଳିତ ଓ ସୁରକ୍ଷିତ ରହିଲେ ସମାଜର ବିକାଶ ସମ୍ଭବ ହୋଇପାରିବ ବୋଲି ସୁତାର ପ୍ରକାଶ କରିଥିଲେ । କାରଖାନାର ନିର୍ଦ୍ଦେଶକ ମନୋଜ କୁମାର ସଡ଼କ ସୁରକ୍ଷା, କର୍ମକ୍ଷେତ୍ର, ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ଉପରେ ବିଶେଷ ଧ୍ୟାନ ଦେବାପାଇଁ ସମସ୍ତ କର୍ମଚାରୀ ଓ ଶ୍ରମିକମାନଙ୍କୁ ବାର୍ତ୍ତା ଦେଇଥିଲେ । ସପ୍ତାହେ ଧରି ଚାଲୁ ରହିଥିବା ସୁରକ୍ଷା ସ୍ଲୋଗାନ, ସୁରକ୍ଷା ସମ୍ପର୍କିତ ସାଧାରଣ ଜ୍ଞାନ, ସୁରକ୍ଷା ପୋଷ୍ଟର ଆଦି ପ୍ରତିଯୋଗିତାରେ ଭାଗନେଇ ଥିବା ଶ୍ରମିକ ଓ କର୍ମଚାରୀମାନଙ୍କୁ ମୁଖ୍ୟ ଅତିଥି ସୁତାର, କାରଖାନାର ନିର୍ଦ୍ଦେଶକ ମନୋଜ କୁମାର ପୁରସ୍କାର ବିତରଣ କରିଥିଲେ । ଶେଷରେ ସୁରକ୍ଷା ବିଭାଗ ତରଫରୁ ଏହି ଦିବସରେ ଉପସ୍ଥିତ କାରଖାନା ଓ ବାଷ୍ପିତ ଉପ-ନିର୍ଦ୍ଦେଶକ, ସମସ୍ତ ଶ୍ରମିକ, କର୍ମଚାରୀ ବୃନ୍ଦ ଏବଂ ବରିଷ୍ଠ ଅଧିକାରୀମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## ୯୧୦ ପରିବାରକୁ ନବୀନ କାର୍ଡ ବଣ୍ଟନ

ଧର୍ମଶାଳା,୧୧।୩ (ବଟକୃଷ୍ଣ ପରିଡ଼ା) :

ଧର୍ମଶାଳା ବ୍ଲକରେ ୯୧୦ ପରିବାରକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ନବୀନ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ସୋମବାର ପ୍ରଦାନ କରାଯାଇଛି । ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କ ଅଧ୍ୟକ୍ଷତାରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବୀନ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଥିଲେ । ଅର୍ଥ ବିନା କୌଣସି ଗରିବ ଲୋକ ଚିକିତ୍ସାରୁ ଯେପରି ବଞ୍ଚିତ ନ ହେବେ ଏଥିଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି ବୋଲି ବିଧାୟକ ବଳବନ୍ତରାୟ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ବ୍ଲକ ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ଜିଲାପରିଷଦ ସଦସ୍ୟ ଜଳଧର ମହାନ୍ତି,ସ୍ମୃତିରେଖା ବେହେରା, ପ୍ରଣତି ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଧର୍ମଶାଳା ବ୍ଲକର ୪୫ ଗୋଟି ପଂଚାୟତରେ ୩୦୦୨ଜଣ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ନବୀନ କାର୍ଡ ପାଇଁ ଅବେଦନ କରିଥିଲା ବେଳେ ପ୍ରଥମ ଦଫାରେ ୯୧୦ ଜଣ ହିତାଧିକାରୀଙ୍କୁ ଏହି କାର୍ଡ ବଣ୍ଟନ କରାଯାଇଛି ବୋଲି ବିଡିଓ ବଳ ସୂଚନା ଦେଇଥିଲେ । ବଡକାଏମା ପଞ୍ଚାୟତର ସର୍ବାଧିକ ୫୫ଜଣ ଓ ଚୋରମୁହାଁ ପଞ୍ଚାୟତରୁ ସର୍ବନିମ୍ନ ୨ ଜଣ ହିତାଧିକାରୀ ନବୀନ କାର୍ଡ ପାଇଛନ୍ତି ।



ନବୀନ କାର୍ଡପ୍ରଦାନ କାର୍ଯ୍ୟକ୍ରମରେ ହିତାଧିକାରୀଙ୍କ ସହ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ।

## ମୃତକଙ୍କ ପରିବାରକୁ ଭେଟିଲେ ପ୍ରସାଦ ହରିଚନ୍ଦନ

ଯାଜପୁର ଟାଉନ ୧୧।୩ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି) :

ଯାଜପୁର ବ୍ଲକ ଜମଧର ପଞ୍ଚାୟତ ସ୍ୱପ୍ନେଶ୍ୱରପୁର ଗ୍ରାମର କାଳିନ୍ଦୀ ମଳିକଙ୍କୁ ରାସ୍ତା ଉପରେ ହାଣି ହତ୍ୟା କରାଯାଇଥିଲା। ସୋମବାର ସନ୍ଧ୍ୟାରେ ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ତଥା ପ୍ରଦେଶ କଂଗ୍ରେସ କମିଟିର ନିର୍ବାଚନ ପରିଚାଳନା କମିଟି ଅଧ୍ୟକ୍ଷ ପ୍ରସାଦ ହରିଚନ୍ଦନ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଏପରିକି ପୋଲିସର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ପରିବାର ଲୋକଙ୍କ ଠାରୁ ପଚାରି ବୁଝିଥିଲେ । ପରେ ସେ ଥାନାକୁ ଯାଇ ଘଟଣା ସମ୍ପର୍କରେ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ମୃତକଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କାର କ୍ଷତିପୂରଣ,ଆବାସ ଯୋଜନାରେ ଘର ଏବଂ ହତ୍ୟାକାଣ୍ଡର ଠିକ ତଦନ୍ତ କରିବାକୁ ହରିଚନ୍ଦନ ଦାବି କରିଥିଲେ।

ସୂଚନାଯୋଗ୍ୟ, ଗତ ୯ ତାରିଖ ଦିନ କାଳିନ୍ଦୀଙ୍କୁ ସର୍ବସମ୍ମୁଖରେ ହାଣି ହତ୍ୟା କରାଯାଇଥିଲା। ଏହି ଘଟଣାକୁ ନେଇ ମୃତକଙ୍କ ପରିବାର ଓ ସମ୍ପର୍କୀୟ ଲୋକେ ସରପଞ୍ଚଙ୍କ ସମ୍ପୃକ୍ତି ଥିବା କହିବା ସହ ୨୦ ନଂ. ଜାତୀୟ ରାଜପଥକୁ ୧୫ ଘଣ୍ଟା ଅବରୋଧ କରି ରଖିଥିଲେ। ପ୍ରସାଦଙ୍କ ସହ ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ଯାଜପୁର ବ୍ଲକ କଂଗ୍ରେସ ସଭାପତି ଗଦାଧର ଦାସ, ବରିଷ୍ଠ କଂଗ୍ରେସ ନେତା ବଳଭଦ୍ର ଦାସ, ଦୁର୍ଯ୍ୟୋଧନ ବେହେରା, ଆଦିତ୍ୟ ମହାନ୍ତି,ଆଲୋକ ବେହେରା, କଂଗ୍ରେସ ନେତ୍ରୀ ଆରତୀ ଦେଓ, ସୁଦିପ୍ତ କର,ଭାସ୍କର ମହାନ୍ତି, ସେକ୍ ନୁରୁଲ, ମାଗୁଣି ଜେନା, ଗଣେଶ ଚନ୍ଦ୍ର ଦାସ, ସଂଗ୍ରାମ ଜେନା, ଅଲେଖ ପୃଷ୍ଟି,ସେକ ହଲିମ୍ ପ୍ରମୁଖ ଉପସ୍ଥିତ ଥିଲେ ।

## ସଅର ଜାତିକୁ ଅନୁସୂଚିତ ଜନଜାତି ମାନ୍ୟତା ପ୍ରଦାନକୁ ସ୍ୱାଗତ



ଆଲୋଚନାଚକ୍ର ଓ କୃତଜ୍ଞତା ପ୍ରଦାନ ଉତ୍ସବରେ ମଞ୍ଚାସୀନ ଅତିଥି ।

**ଧର୍ମଶାଳା,୧୧।୨(ବଟକୃଷ୍ଣ ପରିଡ଼ା):**

ସଅର ଜାତିକୁ କେନ୍ଦ୍ର ଓ ରାଜ୍ୟ ସରକାର ଅନୂସୁଚିତ ଜନଜାତିର ମାନ୍ୟତା ପ୍ରଦାନ କରିଛନ୍ତି । ଏହାକୁ ନେଇ ଯାଜପୁର ଜିଲା ନୀଳମାଧବ ଆଦିବାସୀ ଶବର ସଂଘ ପକ୍ଷରୁ ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ପଲାର ଗ୍ରାମରେ ଏକ ଆଲୋଚନା ଚକ୍ର ଓ କୃତଜ୍ଞତା ଜ୍ଞାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ପ୍ରଭାକର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ରାଜ୍ୟ ସଂଘ ସଭାପତି ଲକ୍ଷ୍ମୀଧର ବେହେରା, ସମ୍ପାଦକ ବେଲେଶ୍ୱର ପରିଡ଼ା, ଢେଙ୍କାନାଳ ଜିଲା ସଂଘ ସଭାପତି ରାସାନନ୍ଦ ଦେଉରୀ, ରାଜ୍ୟ କମିଟି ସଦସ୍ୟ ଗଣେଶ୍ୱର ପ୍ରଧାନ, ଖୋର୍ଦ୍ଧା ଜିଲା ଯୁବ ସଙ୍ଗଠକ, ରଙ୍କନିଧି ଦେଉରୀ, କଟକ ଜିଲା ସଭାପତି ଶରତ ଦେଉରୀ, ଯାଜପୁର ଜିଲାର କ୍ଷମାକର ପରିଡ଼ା, ଧନେଶ୍ୱର ମହାକୁଡ, କାର୍ତ୍ତିକ ସାମଲ, କୃଷ୍ଣ ସିଂ, ନରହରି ଦେଉରୀ, ବାସନ୍ତୀ ଦେଉରୀ, ମଦନ ସାମଲ, ବିଦ୍ୟାଧର ପ୍ରଧାନ, ଚୈତନ୍ୟ ଦେଉରୀ, କରୁଣୀ ବେହେରା, ଅଜୟ ପ୍ରଧାନ, ରଞ୍ଜନ ସାମଲ, ପର୍ଶୁରାମ ଦେଉରୀ ପ୍ରମୁଖ ଯୋଗଦେଇ ଦୀର୍ଘ ଦିନ ହେଲା ସବର ଜାତିକୁ ଅନୂସୁଚିତ ଜନଜାତି ମାନ୍ୟତା ପ୍ରଦାନ ପାଇଁ ଦାବି ହୋଇ ଆସୁଥିବା ବେଳେ ଶେଷରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସବର ଜାତିକୁ ଜନଜାତି ମାନ୍ୟତା ପ୍ରଦାନ କରିଥିବାରୁ ସଂଘ ପକ୍ଷରୁ କୃତଜ୍ଞତା ପ୍ରଦାନ କରିଥିଲେ। ଏଥିରେ ଧର୍ମଶାଳା ବ୍ଲକର ସମସ୍ତ ସବର ଉପକୃତ ହୋଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶେଷରେ ରାଜ୍ୟ ସଂଯୋଜକ କାହ୍ନୁ ଚରଣ ସାମଲ ଧନ୍ୟବାଦ ଦେଇଥିଲେ ।

## ବିଶ୍ୱଶାନ୍ତି ଶିବ ମହାଯଜ୍ଞ ଆରମ୍ଭ

ରସୁଲପୁର,୧୧।୩(ରଞ୍ଜିତ ରାଉତ)

ଯାଜପୁର ଜିଲା ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ ଦକ୍ଷିଣ ଭୋଟକା ଆଖଣ୍ଡଳମଣି ମନ୍ଦିର ପରିସରରେ ବିଶ୍ୱଶାନ୍ତି ଶିବ ମହାଯଜ୍ଞ ଆରମ୍ଭ ହୋଇଛି। ଦଶମ ବାର୍ଷିକ ଏହି ଯଜ୍ଞ ଉତ୍ସବକୁ ଆଖଣ୍ଡଳମଣି ମନ୍ଦିର ପରିଚାଳନା କମିଟି ପକ୍ଷରୁ ପରିଚାଳନା କରାଯାଉଛି । ଏହି ଅବସରରେ କଳସ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ମୂଳ ଖରସ୍ରୋତା ନଦୀରୁ ଜଳପୂର୍ଣ୍ଣ କଳସ ଆଣି ଯଜ୍ଞ ମଣ୍ଡରେ ସ୍ଥାପନ କରାଯିବା ପରେ ଯଜ୍ଞ ଆରମ୍ଭ ହୋଇଥିଲା। ପତିତପାବନ ଦାଶ ଓ ଆରତୀ ଦାଶ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ପଣ୍ଡିତ ସୁରେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ୫ଜଣ ବ୍ରାହ୍ମଣ ଯଜ୍ଞ କାର୍ଯ୍ୟକୁ ପରିଚାଳନା କରୁଛନ୍ତି। ପ୍ରତିଦିନ ବେଦପାଠ, ଗୁରୁପୂଜା, ସୂର୍ଯ୍ୟପୂଜା, ଗୋ-ପୂଜା, ମହାଦେବଙ୍କ ମହାରୁଦ୍ରାଭିଷେକ, ସକାଳ ଓ ସନ୍ଧ୍ୟା ସମୟରେ ମହାଆଳତୀ କରାଯାଉଛି। କମିଟି ପକ୍ଷରୁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି ଯଜ୍ଞ ୪ଦିନ ଚାଲିବ ବୋଲି ସୂଚନା ମିଳିଛି।

# ସୁନା, ରୁପା ଅଳଙ୍କାର କଳ୍ପତରୁ ଫେରାଇଲେ

କେନ୍ଦ୍ରାପଡ଼ା, ୧୧।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସଦର ଥାନାରେ କାର୍ଯ୍ୟରତ କନେଷ୍ଟବଳ କଳ୍ପତରୁ ଜେନା ରବିବାର ମାନବିକତା ପୁଣି ଥରେ ପ୍ରଦର୍ଶନ କରିଛନ୍ତି। ପୂର୍ବରୁ ଆଇଫୋନ ବାଟରେ ପାଇ ଫେରାଇଥିବା ବେଳେ ରବିବାର ମଧ୍ୟାହ୍ନରେ ସୁନା, ରୁପା ଅଳଙ୍କାର ଥିବା ବ୍ୟାଗ ପାଇ ଫେରାଇଛନ୍ତି। ବ୍ୟାଗ ଫେରି ପାଇଥିବା ଏହି ଥାନା ଅନ୍ତର୍ଗତ ଠାକୁରପାଟଣା ଗାଁର ଅଶ୍ୱନୀ ଘଡେ କହିଛନ୍ତି ଯେ, ଶଳାର ନିର୍ବନ୍ଧ ପାଇଁ ସୁନା, ରୁପା ଅଳଙ୍କାର ଓ କିଛି ଲୁଗା କିଣି ଘରକୁ ବାଇକ୍ ଯୋଗେ ଫେରୁଥିଲେ। ଅଳାବାଙ୍କଠାରେ ଏହି ବ୍ୟାଗ ଖସିପଡ଼ିଥିଲା। ବ୍ୟାଗରେ ତାଙ୍କ ନାମରେ ରସିଦ ଥିବାରୁ ତାଙ୍କୁ କଳ୍ପତରୁ ଫୋନ କରି ଡକାଇ ଥିଲେ। ଏଥିସହ ସେ ବ୍ୟାଗ ଫେରି ପାଇଥିବାରୁ କୃତଜ୍ଞତା ଜଣାଇଥିଲେ। ଏ ସମ୍ପର୍କରେ କଳ୍ପତରୁ କହିଛନ୍ତି, ପୂର୍ବରୁ ମଧ୍ୟ ଏକ ଆଇ ଫୋନ ସହରର ପୁରୁଣା ବସ୍‌ଷ୍ଟାଣ୍ଡଠାରେ ପାଇଥିଲି, ସେହି ଫୋନଟି ଜଣେ ବୈଜ୍ଞାନିକଙ୍କର ଥିଲା। ଫୋନ ନମ୍ବରକୁ ଫୋନ ଆସିବାରୁ ସମସ୍ତ ପ୍ରମାଣ ସହ ତାଙ୍କୁ ଆଇ ଫୋନ ଫେରାଇ ଦେଇଥିଲି। ସାମ୍ପ୍ରତିକ ସମୟରେ କାର୍ଯ୍ୟବ୍ୟସ୍ତତା ହେତୁ କିଛି ଜିନିଷ ହଜିଯାଉଛି। ଏହି ଜିନିଷ ହଜିବା ବହୁତ କଷ୍ଟ ଦେଇଥାଏ। ଏଣୁ ପାଇଥିବା ଜିନିଷ ଉପଯୁକ୍ତ ଲୋକଙ୍କୁ ଫେରାଇବାରେ ବହୁତ ସନ୍ତୁଷ୍ଟି ମିଳିଥାଏ।

# ଅଧ୍ୟକ୍ଷଙ୍କ ଅସହଯୋଗ ସତ୍ତ୍ୱେ ତଦନ୍ତ କଲା କମିଟି

## ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନିୟମିତତା ପ୍ରସଙ୍ଗ

## ପୁଣି ହୋଇପାରେ ତଦନ୍ତ

ଜଗତ୍‌ସିଂହପୁର, ୧୧।୩ (ପ୍ରମୋଦ କୁମାର ନାୟକ)

ରାଜ୍ୟର ପ୍ରତିଷ୍ଠିତ ସ୍ୱାମୀ ବିବେକାନନ୍ଦ ସ୍ମାରକ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ସୁନାମ ଦିନକୁ ଦିନ ପ୍ରଭାବିତ ହେବାରେ ଲାଗିଛି। ବିଶେଷକରି ବିଜୟ ପାତ୍ର ମହାବିଦ୍ୟାଳୟ ଅଧ୍ୟକ୍ଷ ଦାୟିତ୍ୱ ନେବା ପରଠାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବିଭିନ୍ନ ସମୟରେ ସ୍ଥାନୀୟ ଲୋକେ, ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ର ଅଧ୍ୟକ୍ଷଙ୍କ ବିରୋଧରେ ଏଭଳି ଅଭିଯୋଗ ଆଣୁଛନ୍ତି। ଏପରିକି ଗଭର୍ଣ୍ଣିଂ ବଡିର ବିନା ଅନୁମୋଦନରେ ମଧ୍ୟ ସେ ମନମୁଖିଭାବେ କାର୍ଯ୍ୟ କରୁଛନ୍ତି। ଲେଡିଜ ହଷ୍ଟେଲ ଓ ସାଇନ୍ସ ବ୍ଲକରେ ଲାଗିଥିବା ସିସିଟିଭି, ଲାଇବ୍ରେରି ଉପରେ ପାଣି ଟାଙ୍କି, ପିଜି, ସେଲ୍ଫ ଫାଇନାନ୍ସିଂ କୋର୍ସ, ସେନା ବାହିନୀରେ ନିଯୁକ୍ତି ନେଇ ହୋଇଥିବା ତାଲିମରେ ଇଫ୍‌କୋ ସହାୟତା ରାଶି ଆଦିରେ ଅନିୟମିତତା ହୋଇଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଶୂନ ବୋଲି ଅଭିଯୋଗ ହୋଇଆସୁଛି। ଅନ୍ୟପଟେ ନିକଟରେ ନିଲମ୍ବିତ ହୋଇଥିବା ମହାବିଦ୍ୟାଳୟ ବରିଷ୍ଠ କିରାଣି କୈଳାସ ଚନ୍ଦ୍ର ପାଣି ମଧ୍ୟ ଅଧ୍ୟକ୍ଷଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ଅଧ୍ୟକ୍ଷ ପାତ୍ର ତାଙ୍କଠାରୁ ୫୫ ହଜାର ଟଙ୍କା ନେଇ ଏହାର ବିଲ୍ କିମ୍ବା ଭାଉଚର ଦେଉନାହାନ୍ତି। ଏହାଦ୍ୱାରା ସେ ମାନସିକ ଦୁଶ୍ଚିନ୍ତାରେ ଘାଣ୍ଟି ହେଉଛନ୍ତି। ଏସବୁ ପ୍ରସଙ୍ଗକୁ ଗୁରୁତର ସହ ନେଇଛି ମହାବିଦ୍ୟାଳୟ ଗଭର୍ଣ୍ଣିଂ ବଡି। ଗଭର୍ଣ୍ଣିଂ ବଡି ସଭାପତି କମଳା ପ୍ରସାଦ ମହାପାତ୍ର ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଏବଂ ଅନ୍ୟ ପ୍ରସଙ୍ଗ ଆଦି ମୋଟ ୧୫/୧୬ଟି ପ୍ରସଙ୍ଗରେ ତଦନ୍ତ ପାଇଁ ଏକ କମିଟି ଗଠନ କରିଛନ୍ତି। ଏହି କମିଟି ଗତ ୯ ତାରିଖରେ ମହାବିଦ୍ୟାଳୟରେ ତଦନ୍ତ ଆରମ୍ଭ କରିଥିଲେ ସୁଦ୍ଧା ଅଧ୍ୟକ୍ଷ ପାତ୍ର ସହଯୋଗ କରି ନ ଥିଲେ। ଏପରି କି ଅନ୍ୟ କର୍ମଚାରୀଙ୍କୁ ଅସହଯୋଗ କରିବା ପାଇଁ ପ୍ରବର୍ତ୍ତାଇଥିଲେ। ମାତ୍ର ସେ ସଫଳ ହୋଇ ନ ଥିଲେ। ଅଧ୍ୟକ୍ଷଙ୍କୁ ବାଦ୍ ଦେଇ ଅନ୍ୟମାନେ ତଦନ୍ତରେ ପୂର୍ଣ୍ଣ ସହଯୋଗ କରିବାରୁ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିଲା ପରି ଅନେକ କିଛି ଗୁଢ ରହସ୍ୟ ପଦାକୁ ଆସିଛି।

ସୂଚନା ଅନୁଯାୟୀ, ତଦନ୍ତ କମିଟି ଅଧ୍ୟକ୍ଷ ଅଛନ୍ତି ଗଭର୍ଣ୍ଣିଂ ବଡି ସଦସ୍ୟ ତଥା ବରିଷ୍ଠ ଖବରଦାତା ସୁଜ୍ଞାନ ଚୌଧୁରୀ। ତାଙ୍କ ନେତୃତ୍ୱରେ ଗଠିତ କମିଟିରେ ଅନ୍ୟ ଗଭର୍ଣ୍ଣିଂ ବଡି ସଦସ୍ୟମାନେ ହେଲେ ଇନ୍‌କମ ଟ୍ୟାକ୍ସର ଅବସରପ୍ରାପ୍ତ କମିଶନର ଶରତ କୁମାର ଦାଶ, ବାଣୀବିହାର ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ପଣ୍ଡା, ନାଇଜର କୁଳସଚିବ ଅଭୟ କୁମାର ନାୟକ, ମହାବିଦ୍ୟାଳୟ ଯୁକ୍ତ ୨ ଅଧ୍ୟକ୍ଷ ବିଜୟ କୁମାର ବିଶ୍ୱାଳ ଓ ରସାୟନ ବିଜ୍ଞାନ ମୁଖ୍ୟ ବନ୍ଦିତା ଦାସ। ଗତ ୯ ତାରିଖରେ ତଦନ୍ତରେ ସହଯୋଗ କରିବାକୁ କମିଟି ଚାହିଁଥିଲା। କିନ୍ତୁ ଅଧ୍ୟକ୍ଷ ନିଜ କାର୍ଯ୍ୟାଳୟରେ ଥିଲେ ସୁଦ୍ଧା ସହଯୋଗ କରି ନ ଥିଲେ। ବରଂ ତଦନ୍ତ ଭଣ୍ଡୁର ପାଇଁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। କେତେଜଣ ରାଜନୈତିକ ଓ ପ୍ରଶାସନିକ ବ୍ୟକ୍ତି ତଦନ୍ତ ନ କରିବା ପାଇଁ ଚାପ ପକାଇଥିବା କୁହାଯାଉଛି। ମହାବିଦ୍ୟାଳୟ ପରିଚାଳନାରେ ଗଭର୍ଣ୍ଣିଂ ବଡିର ନିଷ୍ପତ୍ତି ଚୂଡ଼ାନ୍ତ ଜାଣି ଅଧ୍ୟକ୍ଷ ଅବମାନନା କରିବାକୁ ଚେଷ୍ଟା କରିବା ବିସ୍ମୟ ସୃଷ୍ଟି କରୁଛି।

ଏ ସମ୍ପର୍କରେ ମହାବିଦ୍ୟାଳୟ ଗଭର୍ଣ୍ଣିଂ ବଡି ସଭାପତି ମହାପାତ୍ରଙ୍କୁ ପଚାରିବାରୁ ଅଧ୍ୟକ୍ଷ ପାତ୍ରଙ୍କ ବିରୋଧରେ ଅନେକ ସମୟରେ ବିଭିନ୍ନ ମହଲରୁ ଅଭିଯୋଗ ହୋଇଆସୁଛି। ଏପରି କି ଆର୍ଥିକ ଅନିୟମିତତା ଭଳି ଅଭିଯୋଗ ହେବାରୁ ବିଭିନ୍ନ ପ୍ରସଙ୍ଗକୁ ନେଇ ତଦନ୍ତ କରାଯାଉଛି। ଏକ ତଦନ୍ତ କମିଟି ଗଠନ କରାଯାଇଥିଲେ ସୁଦ୍ଧା ଅଧ୍ୟକ୍ଷ ସହଯୋଗ ନ କରିବା ଶୃଙ୍ଖଳା ଭଙ୍ଗ ସହ ସମାନ। ତାଙ୍କୁ ବିଭିନ୍ନ ସମୟରେ ଚିଠି ମାଧ୍ୟମରେ କୈଫିୟତ ତଲବ କରାଯାଇଥିଲେ ସୁଦ୍ଧା ସନ୍ତୋଷଜନକ ଉତ୍ତର ମିଳିନାହିଁ। କମିଟି ଅଧିକ ତଦନ୍ତ ପାଇଁ ଆଉ ଦିନେ ସମୟ ମାଗିଛି। ସମୟ ଦିଆଯିବ। ତା'ପରେ ଚୂଡ଼ାନ୍ତ ରିପୋର୍ଟ ଆଧାରରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମହାପାତ୍ର କହିଛନ୍ତି। ଏ ସମ୍ପର୍କରେ ଅଧ୍ୟକ୍ଷ ପାତ୍ରଙ୍କ ସହ ଯୋଗାଯୋଗ ପାଇଁ ତାଙ୍କ ମୋବାଇଲରେ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସେ ଉଠାଇ ନ ଥିଲେ।


ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ବିଭୂତି



@ ବିଦେଶୀ



@ ରମ୍ୟରଞ୍ଜନ


ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ଅଗ୍ନିକାଣ୍ଡରେ ୩ ବଖରା ଜଳିଗଲା

କୁଜଙ୍ଗ, ୧୧।୩ (ମନୋଜ ପ୍ରଧାନ)

ଏରସମା ତହସିଲ ତଥା ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଗଡ଼କୁଜଙ୍ଗ ଗ୍ରାମରେ ସୋମବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ପବିତ୍ର ପରିଡ଼ାଙ୍କ ୩ ବଖରା ଚାଳଛପର ଜଳିଯାଇଛି । ଘର ଉପରେ ଯାଇଥିବା ବିଦ୍ୟୁତ୍ ତାର ଛିଣ୍ଡିପଡ଼ିବାରୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ନିଆଁରେ ଘରର ସମସ୍ତ ଆସବାବପତ୍ର ଓ ପାଳିଥିବା ୪୦ଟି କୁକୁଡ଼ା ପୋଡ଼ି ଯାଇଛନ୍ତି। ଖବରପାଇ କୁଜଙ୍ଗ ଦମକଳ ବାହିନୀର ୨ଟି ଗାଡି ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଘଟଣାସ୍ଥଳରେ ଗଡକୁଜଙ୍ଗ ସରପଞ୍ଚ କବିତା ଦାସ ଓ ତାଙ୍କ ପ୍ରତିନିଧି ଯଦୁନାଥ ଖଟୁଆ ପହଞ୍ଚି ବିପନ୍ନଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି ।

# ଉତ୍ତର ଜମ୍ବୁରେ ସୋଲାର ପାୱାର ଷ୍ଟେଶନ ଲୋକାର୍ପିତ

## ଆପାତକାଳୀନ ଭିତ୍ତିରେ ପାନୀୟ ଜଳ ପ୍ରକଳ୍ପ, ଘରକୁ ଆଲୋକ ମିଳିବ

ମହାକାଳପଡ଼ା, ୧୧।୩ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବ୍ଲକ ଉତ୍ତର ଜମ୍ବୁ ଗାଁରେ ନୂଆଦିଲ୍ଲୀସ୍ଥିତ ବିଶ୍ୱ ପ୍ରକୃତି ନିଧି ସଂସ୍ଥା ଆର୍ଥିକ ସହାୟତାରେ ଏକ ୨୦ କିଲୋୱାଟ ସୋଲାର ପାୱାର ଷ୍ଟେଶନକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ସୋମବାର ଉଦ୍‌ଘାଟନ କରିଛନ୍ତି। ଏହି ସୋଲାର ପାୱାର ଷ୍ଟେଶନରୁ ଆପାତକାଳୀନ ବା ବିପର୍ଯ୍ୟୟ ସମୟରେ ପାନୀୟ ଜଳ ପ୍ରକଳ୍ପରୁ ଜଳ ଉଠାଯାଇ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ। ବିପର୍ଯ୍ୟୟ ସମୟରେ ବିଦ୍ୟାଳୟ, କଲ୍ୟାଣ ମଣ୍ଡପରେ ଜନସାଧାରଣ ଲୋକଙ୍କ ନିକଟରେ ପାନୀୟ ଜଳ, ବିଦ୍ୟୁତ୍ ସେବା ଉପଲବ୍ଧ ହୋଇପାରିବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। କାରଣ ଜମ୍ବୁ ଅଞ୍ଚଳଟି ବଙ୍ଗୋପସାଗର କୂଳରେ ଥିବାରୁ ଅନେକ ସମୟରେ ସାମୁଦ୍ରିକ ଝଡ଼ ଯୋଗୁ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଥିବାରୁ ଏହି ସୋଲାର ପାୱାର ଷ୍ଟେଶନରୁ ପାନୀୟ ଜଳ ପ୍ରକଳ୍ପ, କଲ୍ୟାଣ ମଣ୍ଡପ ଓ କେତେକ ପରିବାରକୁ ବିଦ୍ୟୁତ୍ ଯୋଗାଣ କରାଯାଇପାରିବ ବୋଲି କୁହାଯାଇଛି।



ସୋଲାର ପାୱାର ଷ୍ଟେଶନ ଲୋକାର୍ପଣ ଉତ୍ସବରେ ଅତିଥିମାନେ।

ଏହି ଅବସରରେ ଡିଏଫ୍‌ଓ ଯାଦବଠାରୁ ପାୱାର ଷ୍ଟେଶନ କଂଟ୍ରୋଲ ରୁମ୍ ଚାବି ଗ୍ରାମ୍ୟ ବିଦ୍ୟୁତ୍ କମିଟି ମହିଳା ଗୋଷ୍ଠୀ ସଦସ୍ୟ ମମିତା ମାନ୍ନା ଓ ସୁଭଦ୍ରା ଦାସଙ୍କୁ ସର୍ବସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ହସ୍ତାନ୍ତର କରିଥିଲେ। ଉପସ୍ଥିତ ଅତିଥିମାନଙ୍କ ମଧ୍ୟରେ ସାଧବୀ ସିନ୍ଦୂର ବେହେରା, ଆକାଂକ୍ଷା ନାୟକ, ଶୁଭ୍ର ସେନ, ବିଜୟ ଜେନା, ଦୀପକ ଗୁଳିଆ, ରେଞ୍ଜ ଅଧିକାରୀ କାର୍ତ୍ତିକେଶ୍ୱର ଖଣ୍ଡାଇ, ମାଇକେଲ ଜୀ, ମଞ୍ଜୁପ୍ରଭା ଧଳଙ୍କ ସମେତ ବହୁସଂଖ୍ୟାରେ ମହିଳା ଗୋଷ୍ଠୀର ସଦସ୍ୟା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଗୌତମ ଗାୟନ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ପୁରନ୍ଦର ଦାସ ଧନ୍ୟବାଦ ଦେଇଥିଲେ।

# ମିଳିତ ଜନଶୁଣାଣି: ୧୪୦ ଅଭିଯୋଗ



ଜନଶୁଣାଣିରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଅନ୍ୟମାନେ।

ଆଳି, ୧୧।୩ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଆଳି ବ୍ଲକ ସଭାଗୃହ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୪୦ଟି ଅଭିଯୋଗ ହୋଇଥିବା ବେଳେ ସେଥିମଧ୍ୟରୁ ୧୨ଟି ସାମୂହିକ ଥିବାବେଳେ ବ୍ୟକ୍ତିଗତ ୧୨୮ଟି ଥିଲା। ୧୨ଟି ସାମୂହିକ ଅଭିଯୋଗ ମଧ୍ୟରେ ଅଧିକାଂଶ ଅଭିଯୋଗ ବିଭିନ୍ନ ଗ୍ରାମରେ ସରକାରୀ ଗୋଚର ଜମି ଜବରଦଖଲ ବିରୋଧରେ ଥିବାବେଳେ ଅନ୍ୟ କେତେଗୋଟି ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ଅଭିଯୋଗ ହୋଇଛି। ସେହିପରି ବ୍ୟକ୍ତିଗତ ଭାବେ ଭତ୍ତା, ରାଶନକାର୍ଡ, ଆବାସ ଗୃହ ସହ ବିଭିନ୍ନ ଅଭିଯୋଗ ହୋଇଥିଲା। ଶିବିରରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲା ପ୍ରକଳ୍ପ ଅଧିକାରୀ ରାଜେନ୍ଦ୍ର ପଣ୍ଡା, ଅତିରିକ୍ତ ଉପଜିଲାପାଳ ପଲ୍ଲବୀ ପ୍ରିୟଦର୍ଶନୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବଶିଷ ଧଳ, ଆଳି ବିଡିଓ ମିନତି ଜଗଦ୍ଦେବ, ଆଳି ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ। ଶିବିରରେ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଯୁଗ୍ମ ଜନଶୁଣାଣିରେ ୨୪୭ ଅଭିଯୋଗ

କୁଜଙ୍ଗ, ୧୧।୩ (ମନୋଜ ପ୍ରଧାନ)

ସୋମବାର କୁଜଙ୍ଗ ସୂଚନାକେନ୍ଦ୍ର ପରିସରରେ ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ପାରୁଲ ପଟାୱାରୀ ଉପସ୍ଥିତ ରହି ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଏହି ଅବସରରେ ମୋଟ ୨୪୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୨୩୫, ଗୋଷ୍ଠିଗତ ସମସ୍ୟା ସମ୍ପର୍କିତ ୧୨ଟି ଅଭିଯୋଗ ଥିଲା । ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ରାଶନକାର୍ଡ, ଆବାସ ଯୋଜନା, ଜମିଜମା ସମସ୍ୟା, ଭତ୍ତା, ପୋଲିସ ସହାୟତା, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ସହାୟତା ଓ ରେଡ୍‌କ୍ରସ ସହାୟତା ସମେତ ଅନ୍ୟାନ୍ୟ ୨୪ ଅଭିଯୋଗର ଶୁଣାଣି କରାଯାଇଥିଲା। ଏହି ଅବସରରେ ୫୦ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଏସ୍‌ପି ଅମରେନ୍ଦ୍ର ପଣ୍ଡା, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ରବି ନାରାୟଣ ଜେଠୀ, କୁଜଙ୍ଗ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୀପକ ପ୍ରସାଦ ସ୍ୱାଇଁ, କୁଜଙ୍ଗର ଅତିରିକ୍ତ ତହସିଲଦାର ସୁକନ୍ୟା ରାଉଳ ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ, କ୍ଷତ୍ରିୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

# ଏଲ୍‌ଜେପିରୁ ପ୍ରାର୍ଥୀ ହେବେ ଲିଙ୍ଗରାଜ





ଖବରଦାତା ସମ୍ମିଳନୀରେ ଏଲ୍‌ଜେପିର ନେତୃମଣ୍ଡଳୀ।

ଜଗତ୍‌ସିଂହପୁର, ୧୧।୩ ପ୍ରମୋଦ କୁମାର ନାୟକ)

ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ପକ୍ଷରୁ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଦଳର ଜିଲା ଲିଗାଲ ସେଲ ସଭାପତି ଲିଙ୍ଗରାଜ ମହାନ୍ତି ପ୍ରାର୍ଥୀ ହେବେ। ରବିବାର ସ୍ଥାନୀୟ ଏକ ମଣ୍ଡପରେ ଏଲ୍‌ଜେପି (ରାମବିଳାସ) ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହା କୁହାଯାଇଛି। ସମ୍ମିଳନୀରେ ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଚିତ୍ତରଞ୍ଜନ ମଲ୍ଲିକ କହିଥିଲେ, ରାଜ୍ୟରେ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ନାମରେ ଏକ ମ୍ୟୁଜିୟମ କରାଯିବା ଉଚିତ। ମଲ୍ଲିକ ଆହୁରି କହିଥିଲେ, ସମାଜର ସମସ୍ତ ବର୍ଗର ଲୋକଙ୍କ ଉନ୍ନତିପାଇଁ ଦଳର ପ୍ରତିଷ୍ଠାତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ରାମବିଳାସ ପାଶୱାନ ଅହରହ ଉଦ୍ୟମ କରୁଥିଲେ। ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସହସ୍ରାଧିକ ଲୋକ କାମ କରୁଛନ୍ତି। ଆଗାମୀ ସାଧାରଣ ନିର୍ବାଚନରେ ରାଜ୍ୟରେ ଦଳ ୧୦ଟି ଏମ୍‌ପି ଓ ୬୦ଟି ବିଧାୟକ ଆସନରେ ପ୍ରାର୍ଥୀ ଦେବାକୁ ନିଷ୍ପତ୍ତି ନେଇଛି। ଦଳ ଜଗତ୍‌ସିଂହପୁରରେ ଏମ୍‌ପି ସିଟ୍ ସହ ଜିଲାର ସମସ୍ତ ବିଧାନସଭା ଆସନରେ ପ୍ରାର୍ଥୀ ଦେବ। ଏଲ୍‌ଜେପି (ରାମବିଳାସ) ଏନ୍‌ଡିଏର ଅଂଶୀଦାର ଦଳ। ଦିଲ୍ଲୀରେ ବିଭିନ୍ନ ରାଜ୍ୟ ନେଇ ଆସନ ବୁଝାମଣା ହୋଇପାରେ। ଆଗକୁ ଦଳର ରଣନୀତି କ'ଣ ରହିବ ସ୍ପଷ୍ଟ କରାଯିବ ବୋଲି ମଲ୍ଲିକ କହିଥିଲେ। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଦଳ ରାଜ୍ୟ ସମ୍ପାଦକ ରତ୍ନାକର ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରୀ ଉପସଭାପତି ନୀଳକଣ୍ଠ ମଲ୍ଲିକ, ରାଜ୍ୟ ଲିଗାଲ ସେଲ୍ ସଭାପତି ଅବନୀ ପାତ୍ର, ବିଧାୟକ ପ୍ରାର୍ଥୀ ଲିଙ୍ଗରାଜ ମହାନ୍ତି ଓ ମହିଳା ସେଲ ସଭାପତି ଅନିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଆରମ୍ଭ ହେଲା ସର୍ଭେ, ସଏଲ ଟେଷ୍ଟ

## ନଗଡ଼-ନଳଦିଆ ସେତୁ

ରାଜନଗର, ୧୧।୩ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତ ନଳଦିଆ ଓ କଟକଣାବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ପୂରଣ ହେବ। ଦୀର୍ଘବର୍ଷ ଧରି ବିଚ୍ଛିନ୍ନ ହୋଇ ରହିଥିବା ନିଜ ବ୍ଲକ ହେଡକ୍ୱାର୍ଟରକୁ ଆସିବା ପାଇଁ ଭୋଗୁଥିବା ଦୁର୍ଦ୍ଦଶା ଓ ସମସ୍ୟା ଦୂର ହେବ। କେବଳ ବ୍ଲକ ନୁହେଁ ନିଜ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିବାକୁ ହେଲେ ପଡୋଶୀ ଆଳି ଓ ପଟ୍ଟାମୁଣ୍ଡାଇ ବ୍ଲକ ପାର ହେଲେ ପହଞ୍ଚୁ ଥିଲେ। ନିଜ ପଞ୍ଚାୟତକୁ ଆସିବା ପାଇଁ ପ୍ରାୟ ୫୦କିମି ରାସ୍ତା ପାର ହେବାକୁ ପଡୁଥିଲା। କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକର ବ୍ରାହ୍ମଣୀ ନଦୀ ଉପରେ ନଗଡ଼ ଓ ନଳଦିଆ ସେତୁ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଅଞ୍ଚଳବାସୀ ଖୁସିରେ ଆତ୍ମହରା ହୋଇ ପଡିଛନ୍ତି। ଦୀର୍ଘବର୍ଷ ଧରି ଓସ୍ତିଆ ପଞ୍ଚାୟତର ନଳଦିଆ ଓ କଟକଣା ଗାଁର ଲୋକେ ନଗଡ, ନଳଦିଆ ମଧ୍ୟରେ ସେତୁ ନିର୍ମାଣ ପାଇଁ ଦାବି କରି ଆସୁଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ ଏ ସମ୍ପର୍କରେ ବିଧାନସଭାରେ ଏହି ସେତୁ ନିର୍ମାଣ ପାଇଁ ବିଭିନ୍ନ ସମୟରେ ଦାବି କରିଥିଲେ। ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚଳିତମାସ ୬ ତାରିଖରେ ବିଜୁ ସେତୁ ଯୋଜନାରେ କେନ୍ଦ୍ରାପଡ଼ା ଜିଲାର ଗୋଟିଏ ସେତୁ ବ୍ରାହ୍ମଣୀ ନଦୀ ଉପରେ ନଗଡ-ନଳଦିଆ ସେତୁ ନିର୍ମାଣ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସର୍ଭେ କରାଯିବା ସହ ସଏଲ ଟେଷ୍ଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ସରିଲେ ଡିପିଆର ପ୍ରସ୍ତୁତ ହୋଇ ଟେଣ୍ଡର ହେବ ବୋଲି ସହକାରୀ ନିର୍ବାହୀଯନ୍ତ୍ରୀ ସୁବାସ ଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି।

ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତର ନଳଦିଆ ଓ କଟକଣା ଗାଁ। ଏହି ଦୁଇଟି ଗାଁ ଗୋଟିଏ ପଟରେ ଥିବାବେଳେ ଅନ୍ୟ ପଟରେ ରାଜନଗର ବ୍ଲକ ରହିଛି। ଦୁଇଟି ଗାଁର ଲୋକେ ରାଜନଗର ବ୍ଲକର ଅଧିବାସୀ ହୋଇଥିଲେ ମଧ୍ୟ ଏମାନେ ପଡୋଶୀ ଆଳି ବ୍ଲକ ଉପରେ ନିର୍ଭର କରି ଚଳୁଥିଲେ। ଏମାନେ ବିଭିନ୍ନ ସରକାରୀ କାମରେ ବ୍ଲକ ହେଡକ୍ୱାର୍ଟର ଏପରିକି ନିଜର ପଞ୍ଚାୟତ କାର୍ଯ୍ୟାଳୟକୁ ଆସିବାକୁ ହେଲେ ୫୦ କିମି ରାସ୍ତା ପାର ହୋଇ ଆସିବାକୁ ପଡୁଥିଲା। ନଗଡରୁ ନଳଦିଆ ବ୍ରାହ୍ମଣୀ ନଦୀରେ ଡଙ୍ଗା ଚାଲୁଥିଲେ ମଧ୍ୟ ତାହା ବିପଦ ସଙ୍କୁଳ ଥିଲା। ନଦୀଟି କୁମ୍ଭୀର ସାଲୁବାଲୁ ହୋଇଥିବା ବେଳେ ଗଭୀରିଆ ଥିବାରୁ ସାଇକେଲଟିଏ ପାର କରିବା ମଧ୍ୟ କଷ୍ଟସାଧ୍ୟ ହେଉଥିଲା। ଦୁଇଟି ଗାଁର ପ୍ରାୟ ୧ହଜାର ଲୋକ ପଞ୍ଚାୟତରେ କୌଣସି କାମ ପଡିଲେ ବା ନିଜର ବ୍ଲକ, ତହସିଲ, ଥାନାକୁ ଆସିବାକୁ ହେଲେ ୫୦ କିମି ଦୂର ଆସିବାକୁ ପଡୁଥିଲା। ଗାଁରୁ ବାହାରି ପ୍ରଥମେ ଆଳି ବ୍ଲକ ଅଞ୍ଚଳ ପାର ହେବା ପରେ ପଟ୍ଟାମୁଣ୍ଡାଇ ବ୍ଲକ ପାର ହୋଇ ରାଜନଗର ଆସିବାକୁ ପଡୁଥିଲା। ଗୋଟିଏ ପଞ୍ଚାୟତର ଲୋକେ କାର୍ଯ୍ୟାଳୟକୁ ଆସିବାକୁ ୫୦ କିମି ରାସ୍ତା ପାର ହେବା ଘଟଣା ବୋଧହୁଏ ଓଡ଼ିଶାରେ ଆଉ ଏଭଳି ଗାଁ ନ ଥିବ।

# ୬ କୋଟିର ବକ୍ସ କଲଭର୍ଟ କାମରେ ମନମାନି

ଜଗତ୍‌ସିଂହପୁର, ୧୧।୩ (ପ୍ରମୋଦ କୁମାର ନାୟକ)

- କେନାଲ ମାଟି ବିକ୍ରିକୁ ପ୍ରୋତ୍ସାହନ
- ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ, ଲୋକେ ଭୟଭୀତ
- ଆଜି ସନ୍ଧ୍ୟା ସୁଦ୍ଧା ସୂଚନା ଫଳକ ନ ଲାଗିଲେ ଆନ୍ଦୋଳନ ଚେତାବନୀ

ଜଗତ୍‌ସିଂହପୁର ସହର ଏଲ୍‌ଆଇସି କାର୍ଯ୍ୟାଳୟଠାରୁ ବଡ଼ବଜାର ରଶ୍ମି ହଲ ଛକ ପର୍ଯ୍ୟନ୍ତ ଜଳସମ୍ପଦ ବିଭାଗ ୧୦ନଂ. ଡିଷ୍ଟ୍ରିବ୍ୟୁଟାରିରେ ୬ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟ ବରାଦରେ ତୃତୀୟ ପର୍ଯ୍ୟାୟ ବକ୍ସ କଲଭର୍ଟ ନିର୍ମାଣ ଚାଲିଛି। ଏଥିରେ ଦୁର୍ନୀତିର ଗନ୍ଧ ବାରି ହୋଇପଡିଛି। ବଡ କଥା ହେଲା, ଏହି କେନାଲ ଶଯ୍ୟା ଖୋଳାଯାଇ ଯେଉଁ ମାଟି ବାହାରୁଛି ତାହା ବେଧଡ଼କରେ ବିକ୍ରି ଚାଲିଛି। ମାଟିର ଚାହିଦା ରହୁଥିବାରୁ ଠିକାଦାର ଏ ବାବଦରେ ମୋଟା ଅଙ୍କର ଅର୍ଥ ଉପାର୍ଜନ କରୁଛନ୍ତି। କନ୍ଦରପୁର-ଜଗତ୍‌ସିଂହପୁର ୫୫ ନଂ. ଜାତୀୟ ରାଜପଥ କାମ ଚାଲିଥିବାରୁ ବହୁ ପରିମାଣର ମାଟି ଓ ବାଲି ଆବଶ୍ୟକ ହେଉଛି। କେନାଲରୁ ବାହାରୁଥିବା ମାଟି ଏହି କାମରେ ବ୍ୟବହାର ପାଇଁ ହାଇୱାରେ ଚାଲାଣ ହେଉଥିବା କୁହାଯାଉଛି। ଏଥିସହ ଅନ୍ୟମାନଙ୍କୁ ମଧ୍ୟ ବିକ୍ରି ହେଉଛି। କେବଳ ଏତିକି ନୁହେଁ, କେନାଲ ଉଭୟ ପାର୍ଶ୍ୱରେ ଥିବା ପଥର ଆଦି ଖୋଳାଯାଇ ସେଗୁଡିକୁ ଶଯ୍ୟାରେ ବିଛାଯାଉଛି। କିନ୍ତୁ କେତେ ପଥର ବାହାରିଲା, କେତେ ବ୍ୟବହାର ହେଲା, ସେସବୁ କିପରି ମାପ ହେଉଛି ଆଦି ପ୍ରଶ୍ନର କୌଣସି ସନ୍ତୋଷଜନକ ଉତ୍ତର ମିଳୁନି। ଅନ୍ୟପଟେ ଶ୍ରମ ଆଇନ ପାଳନ କରାଯାଉନାହିଁ। ଏହି କାମରେ ରାଜ୍ୟ ଓ ବାହାର ଶ୍ରମିକମାନଙ୍କୁ ଲଗାଯାଉଥିବାରୁ କୌଣସି ସମୟରେ କିଛି ଅଘଟଣ ଘଟିଲେ ସେଥିପାଇଁ କିଏ ଦାୟୀ ରହିବେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଶ୍ଚର୍ଯ୍ୟର କଥା ହେଲା ଜନଗହଳିପୂର୍ଣ୍ଣ ଜଗତ୍‌ସିଂହପୁର ସହରରେ ଏତେ ଟଙ୍କାର ଏହି କାମ ଚାଲିଥିଲେ ସୁଦ୍ଧା ସୂଚନାଫଳକ ମରାଯାଇନାହିଁ, ଯାହାକି ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାକୁ ପଦାରେ ପକାଇ ଦେଇଛି। ମଙ୍ଗଳବାର ସୁଦ୍ଧା ସୂଚନାଫଳକ ନ ଲାଗିଲେ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ କେତେଜଣ ସାମାଜିକ କର୍ମୀ ଚେତାବନୀ ଦେଇଛନ୍ତି। ସେମାନଙ୍କ ଯୁକ୍ତି ହେଲା କାମର ଦୈର୍ଘ୍ୟ, ପ୍ରସ୍ଥ, ମୋଟେଇ, ବ୍ୟବହାର ହେବାକୁ ଥିବା ସାମଗ୍ରୀର ଭାଗମାପ ଆଦି ସମ୍ପର୍କରେ ଲୋକେ ଜାଣିବା ଅଧିକାର ଅଛି। ଏଥିସହ କେଉଁ ଗ୍ରେଡ୍‌ର କଂକ୍ରିଟ, ଷ୍ଟିଲ (ରଡ୍), ଗୋଡି ଓ ସିମେଣ୍ଟ (ବ୍ରାଣ୍ଡ ଅନୁସାରେ) ବ୍ୟବହାର ହେବ ତା'ଉପରେ ଜାଣିବା ଆବଶ୍ୟକ। କେବଳ ଏତିକି ନୁହେଁ ସିମେଣ୍ଟ, ବାଲି, ଗୋଡି ଓ ରଡ ଆଦି କେତେ ପରିମାଣର ବ୍ୟବହାର ହେବ ତା'ଉପରେ ସୂଚନା ଦରକାର। କାନ୍ଥ ଓ ଛାତର ଲମ୍ବା, ପ୍ରସ୍ଥ, ମୋଟେଇ ସାଙ୍ଗକୁ ତଳ ବେଡ୍‌ର କଂକ୍ରିଟ ଭାଗମାପ, ରଡ ବାଇଣ୍ଡିଂ ଗ୍ୟାପ (ଦୂରତା) ଆଦି ଉପରେ ପୂର୍ଣ୍ଣ ସୂଚନା ନ ରହିଲେ କାମର ସ୍ୱଚ୍ଛତା ଆସିପାରିବ ନାହିଁ। ଲୋକେ ସୂଚନାଫଳକ ଦେଖି କାମ ଠିକ୍ କି ତ୍ରୁଟିପୂର୍ଣ୍ଣ ହେଉଛି ଜାଣି ପରବର୍ତ୍ତୀ ପଦକ୍ଷେପ ନେବାକୁ ସୁଯୋଗ ପାଇବେ ବୋଲି କୁହାଯାଇଛି।



ଏଲ୍‌ଆଇସି କାର୍ଯ୍ୟାଳୟ ସମ୍ମୁଖରେ ବକ୍ସ କଲଭର୍ଟ ନିର୍ମାଣ କାର୍ଯ୍ୟ ଚାଲିଛି।

ଜଳ ସମ୍ପଦ ବିଭାଗ ଜଗତ୍‌ସିଂହପୁର ଡିଭିଜନ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ୬ କୋଟି ୪୦ ଲକ୍ଷ ଟଙ୍କାର ଏହି କାମ ୪।୩।୨୪ରୁ ଆରମ୍ଭ ହୋଇ ୩।୩।୨୫ ମଧ୍ୟରେ ସରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। ଠିକାଦାରଙ୍କ ପକ୍ଷରୁ କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ତେବେ ମେଶିନ କେନାଲ ଉଭୟ ପାର୍ଶ୍ୱ ଖୋଳି ସମାନ କରୁଛି। କିନ୍ତୁ ପାର୍ଶ୍ୱରେ ବିଦ୍ୟୁତ ଖୁଣ୍ଟ ଥିବାରୁ ଅଚାନକ ବର୍ଷା, ପବନ ହେଲେ ବିପଦ ଆଶଙ୍କା ରହୁଛି। କାରଣ ଗତବର୍ଷ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି କେନାଲର ପୋଷ୍ଟ ଅଫିସ ଛକରୁ ଏଲ୍‌ଆଇସି କାର୍ଯ୍ୟାଳୟ ପର୍ଯ୍ୟନ୍ତ ବକ୍ସ କଲଭର୍ଟ କାମ ଚାଲିଥିଲା। ବର୍ଷା, ପବନ ହେବାରୁ ଏକ ବିଦ୍ୟୁତ ଖୁଣ୍ଟ ମାଟି ଧସି ଯାଇଥିଲା। ଠିକ୍ ସମୟରେ ବାଲି ବସ୍ତା ଖୁଣ୍ଟ ମୂଳରେ ଗଦା କରାଯିବାରୁ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇ ଦିଆଯାଇଥିଲା। ଏ ସମ୍ପର୍କରେ ଡିଭିଜନ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ପ୍ରଦୀପ ନାୟକଙ୍କୁ ପଚାରିବାରୁ ସେ କହିଥିଲେ, କେନାଲରୁ ମାଟି କାଢି କାମ କରିବାକୁ ଠିକାଦାରଙ୍କୁ ଅନୁମତି ଦିଆଯାଇଛି। ଏହି ମାଟି ସେ କ'ଣ କରିବେ ତାହା ଠିକାଦାରଙ୍କ ବ୍ୟକ୍ତିଗତ ନିଷ୍ପତ୍ତି। ସେହିପରି କେନାଲ ଉଭୟ ପାର୍ଶ୍ୱରୁ ବାହାରିଥିବା ପଥର ଆଦି ବ୍ୟବହାର ଅନୁମତି ଅଛି। ଯେତିକି ବ୍ୟବହାର ହେଉଛି ଅସୁବିଧା ନାହିଁ। ତା'ବାଦ୍ ଅଧିକ ଆବଶ୍ୟକ ହେଲେ ଠିକାଦାର କିଣି ବିଲ୍ କରିପାରିବେ ବୋଲି ନାୟକ କହିଛନ୍ତି।

# ଗାଁ ଭିତରେ ଚୁଡାମିଲ୍‌କୁ ବିରୋଧ କରିବାରୁ ବାସନ୍ଦ

ନୟାଗଡ଼,୧୧।୩(ଲୋକନାଥ ମିଶ୍ର)



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ବାସନ୍ଦ ୬ ପରିବାର।

- ମାଡ ମାରିଲେ, ଅଭିଯୋଗ କରିବାରୁ ଜେଲ ପଠାଇଲେ
- ଗାଁ ଛାଡି ୬ ପରିବାର ବିତାଉଛନ୍ତି ଅଭିଶପ୍ତ ଜୀବନ
- ଜିଲାପାଳଙ୍କୁ ଭେଟି ଦୁଃଖ ଜଣାଇଲେ ବାସନ୍ଦ ପରିବାର

ନୟାଗଡ଼ ଟାଉନ ଥାନା ମୁଥାଗାଡିଆ ପଞ୍ଚାୟତ କଳାହାଣ୍ଡିଗାଁରୁ ଚୁଡାମିଲ୍ ସ୍ଥାନାନ୍ତର ଦାବି କରିବା ପରେ ୬ ପରିବାରକୁ ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ବାସନ୍ଦ ଘଟଣାର ପ୍ରତିବାଦ କରିବାରୁ ମାଡ ମାରି ଜେଲ ପଠାଇ ଦିଆଯାଇଛି। ପିଲାଙ୍କ ପାଠପଢ଼ାରେ ଡୋରି ପରେ ୬ ପରିବାର ଗାଁ ଛାଡି ଏଣେତେଣେ ଘୁରି ବୁଲୁଛନ୍ତି। ଚୁଡା ମିଲ୍ ସ୍ଥାନାନ୍ତର ଓ ଗାଁକୁ ଫେରିବାକୁ ବାସନ୍ଦ ପରିବାର ପକ୍ଷରୁ ପ୍ରଚେଷ୍ଟା ଜାରି ରହିଥିଲେ ମଧ୍ୟ ସୁଫଳ ମିଳିନି। ଏଭଳିସ୍ଥଳେ ବାସନ୍ଦ ପରିବାର ସୋମବାର ଜିଲାପାଳଙ୍କୁ ଭେଟି ସେମାନଙ୍କ ଅଭିଯୋଗ ସମ୍ପର୍କରେ ଅବଗତ କରାଇଥିଲେ। ଏପରିକି ଚୁଡା ମିଲ୍ ସ୍ଥାନାନ୍ତର କରିବାକୁ ନିବେଦନ କରିଛନ୍ତି। ଅଭିଯୋଗକାରୀ ନନ୍ଦ କିଶୋର ବାଘ କହିଛନ୍ତି, ଚୁଡା ମିଲ୍ କଳାହାଣ୍ଡି ଗାଁରୁ ସ୍ଥାନାନ୍ତର ହେଉ ବୋଲି ଗାଁର ୧୨ ପରିବାର ଦାବି, ଆପତ୍ତି, ଅଭିଯୋଗ କରି ଆସୁଥିଲେ। ୨୦୨୨ ଡିସେମ୍ବର ୧୯, ମୋ ପରିବାର ସହ ୬ ପରିବାରକୁ ବାସନ୍ଦ ପରେ ଗାଁରେ ଭୟ ବଢ଼ିଲା। ୬ ପରିବାର ଆମକୁ ସହଯୋଗ କରି ଚୁପ ହୋଇଗଲେ। ପରବର୍ତ୍ତୀ ପର୍ଯ୍ୟାୟରେ ବାସନ୍ଦ ପରିବାର ସଦସ୍ୟଙ୍କୁ ମାଡ ମାରିଲେ। ମାଡ ମାରିବା ଓ ବାସନ୍ଦ ନେଇ ନୟାଗଡ଼ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଆମ ଅଭିଯୋଗକୁ ଅଣଦେଖା କଲା। ଆମକୁ ମାଡ ମାରିଥିବା ଲୋକଙ୍କ ଅଭିଯୋଗକୁ ନେଇ ଆମ ନାଁରେ ମାମଲା କରାଗଲା। ୩ଜଣ ଲୋକ ୧୪ଦିନ ଜେଲ ଯାଇ ଜାମିନରେ ଆସିଛନ୍ତି। ଅନ୍ୟପକ୍ଷେ ଗାଁରେ ଚିଟ୍‌ଫଣ୍ଡ ହୋଇଥିଲା। ମୋର ମୂଳ ଓ ସୁଧ ମିଶି ଦେଢ଼ ଲକ୍ଷ ଟଙ୍କା ହୋଇଥିଲା। ସେହି ଟଙ୍କା ମଧ୍ୟ ଫେରାଇଲେ ନାହିଁ। ନ୍ୟାୟ ପାଇଁ ଆମେ ହାଇକୋର୍ଟରେ ଆବେଦନ କରିଛୁ। ମୋ ପତ୍ନୀ ରାମମଣି ବାଘଙ୍କ ଅଭିଯୋଗକ୍ରମେ ହାଇକୋର୍ଟରେ ୨୦୨୨ରେ ଗାଁର ୧୧ ଲୋକଙ୍କ ନାଁରେ ମକଦ୍ଦମା ହୋଇଛି। ଏ ସମ୍ପର୍କରେ ସୋମବାର ଜିଲାପାଳଙ୍କୁ ଅଭିଯୋଗ କରିବା ପରେ ଜିଲାପାଳ ଆମ ଅଭିଯୋଗ ଶୁଣିଥିଲେ। କିନ୍ତୁ ଗାଁ ଭିତର ଚୁଡାମିଲ ସ୍ଥାନାନ୍ତର ନେଇ ପଢ଼ିବା ପରେ ବିରକ୍ତି ହୋଇ ଅଭିଯୋଗ ପତ୍ରକୁ ଚିରି ଦେଇଥିଲେ। କଳାହାଣ୍ଡି ଗାଁର ଶୈଳବାଳା ସେଠୀ କୁହନ୍ତି, ବାସନ୍ଦ ପରିବାର କିପରି ଅଛନ୍ତି କ'ଣ କରୁଛନ୍ତି ସେମାନଙ୍କର ଦୁଃଖ ଶୁଣାଯାଉନାହିଁ। ଚୁଡାମିଲ ନେଇ ଆମେ ଭୋଗୁଥିବା ସମସ୍ୟା ନେଇ ଅଭିଯୋଗ କରିବା କ'ଣ ଭୁଲ। ଗାଁ ଭିତରେ କ'ଣ ଚୁଡା ମିଲ୍ କରାଯିବା ଠିକ୍। ଚୁଡା ମିଲ ସ୍ଥାନାନ୍ତର ଦାବି କରାଯିବା ପରେ କ'ଣ ବାସନ୍ଦ ଏହାର ସମାଧାନ। ବାସନ୍ଦ ପରେ ଗାଁରେ ରଖାଇ ନ ଦେବା କି ପ୍ରକାରର ନ୍ୟାୟ। ପୋଲିସର ସହଯୋଗ ମିଳିଲା ନାହିଁ। ଏବେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବାରୁ ଆମ ଅଭିଯୋଗ ପତ୍ରକୁ ଚିରି ଫୋପାଡି ଦିଆଗଲା। ଆମେ କେଉଁଠିକୁ ଯିବୁ। କାହାରିକୁ ଅଭିଯୋଗ କରିବୁ ଜାଣିପାରୁନାହିଁ। ଆମେ କ'ଣ ଆଉ ଗାଁକୁ ଫେରି ପାରିବୁ ନାହୁଁ। ଆମ ଗାଁରୁ କ'ଣ ଚୁଡା ମିଲ୍ ସ୍ଥାନାନ୍ତର ହେବ ନାହିଁ। ଜଣେ ଲୋକ ଲାଭ ପାଇବ ଗାଁ ସାରା ଲୋକ କାହିଁକି ଚୁଡା ମିଲ୍ ଯୋଗୁ ଅଭିଶପ୍ତ ଜୀବନଯାପନ କରିବେ ତାହା ବୁଝା ପଡୁନି। ମୋ କଥାକୁ ପ୍ରଶାସନ ବିଶ୍ଳେଷଣ କରିଲେ ଆମେ ନ୍ୟାୟ ପାଇଁ ଆଉ ଦୌଡିବାକୁ ପଡିବ ନାହିଁ। ଆମକୁ ଆପେ ଆପେ ନ୍ୟାୟ ମିଳିଯିବ ବୋଲି କହିଛନ୍ତି। ହେଲେ ଆମ ଅଭିଯୋଗକୁ କେହି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୨ ବଖରା ପୋଡ଼ିଗଲା

**ଦଶପଲ୍ଲା,୧୧।୩ (ପ୍ରକାଶ କୁମାର ପାଣି):** ଦଶପଲ୍ଲା ତହସିଲର ଶ୍ରୀରାମପୁର ଗାଁରେ ସୋମବାର ଅଗ୍ନିକାଣ୍ଡରେ ୨ ବଖରା ପୋଡ଼ିଯାଇଛି। ଗ୍ରାମର ମାଗୁଣି ନାୟକଙ୍କ ଏହି ଘର ପୋଡ଼ିରେ ସମସ୍ତ ଆସବାବପତ୍ର ନଷ୍ଟ ହୋଇଯାଇଛି। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଏହି ନିଆଁ ଲାଗିଥିବା ଅଗ୍ନିଶମ କର୍ମଚାରୀମାନେ ଜାଣିପାରିଛନ୍ତି। ଅଗ୍ନିକାଣ୍ଡର ଖବରପାଇ ଦଶପଲ୍ଲା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ୨ ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

**ଖଣ୍ଡପଡ଼ା,୧୧।୩ (ଅଜୟ କୁମାର ମହାରଣା):** ଖଣ୍ଡପଡ଼ା ବ୍ଲକ ଅଧୀନ ବଳଭଦ୍ରପ୍ରସାଦ ଓ ବନମାଳୀପୁର ପଞ୍ଚାୟତରେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ, ସାମାଜିକ କର୍ମୀ ଜନ୍ମେଜୟ ନାୟକ, ପୂର୍ବତନ ସରପଞ୍ଚ ସର୍ବେଶ୍ୱର ସ୍ୱାଇଁ, ଜିତେନ୍ଦ୍ର ସାହୁ, ସୌଭାଗ୍ୟ ରଞ୍ଜନ ସାହୁ, ସର୍ବେଶ୍ୱର ସାହୁ, ସ୍ୱଦେଶ କୁମାର ସାହୁ, ପରୀକ୍ଷିତ ସାହୁ, ସୂର୍ଯ୍ୟମଣି ସାହୁ, ରମେଶ ଚନ୍ଦ୍ର ନାୟକ, ଚରଣ ବାରିକ, ଅଭିମନ୍ୟୁ ନାଏକଙ୍କ ସମେତ ଶତାଧିକ କର୍ମୀ, ପଞ୍ଚାୟତ ଲୋକପ୍ରତିନିଧି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିବା ବେଳେ ପୂର୍ବତନ ବିଧାୟକ ପଟ୍ଟନାୟକଙ୍କୁ ଅଞ୍ଚଳବାସୀ ସମ୍ବର୍ଦ୍ଧନା ଜଣାଇଥିଲେ। ଏ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହ ପ୍ରତ୍ୟେକ ବ୍ୟକ୍ତିଙ୍କ ଘରେ ଦଳୀୟ କର୍ମୀମାନେ ଶଙ୍ଖ ଚିହ୍ନ ପୋଷ୍ଟର ଲଗାଇଥିଲେ।

### ଯୁବକ ନିଖୋଜ ଅଭିଯୋଗ

**ନୂଆଗାଁ, ୧୧।୩ (ଧନେଶ୍ୱର ସାହୁ) :** ନୂଆଗାଁ ଥାନା ଅଞ୍ଚଳର ଜଣେ ଯୁବକ ବୁଧବାରଠାରୁ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ନିଖୋଜ ଯୁବକ ଜଣକ ହେଲେ ପ୍ରକାଶ କୁମାର ମହାରଣା (୪୦)। ଅଭିଯୋଗ ମୁତାବକ, ଥାନା ଅନ୍ତର୍ଗତ ନୂଆଗାଁ କାଚପଲି ଗ୍ରାମର ପ୍ରକାଶ ପେସାରେ ଜଣେ ମିସ୍ତ୍ରି। ସବୁଦିନ ପରି ବୁଧବାର ସକାଳ ସାଢେ ୮ଟାରେ ପ୍ରକାଶ କାମ କରିବାକୁ ଘରୁ ବାହାରିଯାଇଥିଲେ। କାମ ସାରି ଘରକୁ ନ ଫେରିବାରୁ ପରିବାର ଲୋକେ କାମ କରୁଥିବା ଲୋକମାନଙ୍କୁ ପଚାରିବାରେ ପ୍ରକାଶ ଆମକୁ କାମରେ ଲଗାଇ ଦେଇ କେଉଁ ଆଡେ ଗଲେ ଯେ, ଆଉ ଆମ ପାଖକୁ ଆସି ନ ଥିବା କହିଥିଲେ। ଏହାପରେ ବିଭିନ୍ନ ସ୍ଥାନ ଖୋଜାଖୋଜି କରି ନ ପାଇବାରୁ ପ୍ରକାଶଙ୍କ ସ୍ତ୍ରୀ ମିନତି ମହାରଣା ଲିଖିତ ଭାବେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ପକ୍ଷରୁ ଅନୁସନ୍ଧାନ ଜାରି ରହିଛି ବୋଲି ଆଇଆଇସି ନାରାୟଣ ଚନ୍ଦ୍ର ଲେଙ୍କା କହିଛନ୍ତି।

# ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ନୟାଗଡ଼ ସହରରେ କୁଢ଼ କୁଢ଼ ଆବର୍ଜନା**

ନୟାଗଡ଼,୧୧।୩(ଲୋକନାଥ ମିଶ୍ର)


ନୟାଗଡ଼-ଓଡ଼ଗାଁ କଲେଜ ଲେନ୍ ରାସ୍ତାରେ ଆବର୍ଜନା ପଡିଛି।

ନୟାଗଡ଼ ମ୍ୟୁନିସିପାଲିଟିର ସଫେଇ କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାରୁ ସହରରେ ସୋମବାର କୁଢ଼ କୁଢ଼ ଆବର୍ଜନା ଗଦା ହୋଇଥିବା ଦେଖିବାକୁ ମିଳିଛି। ସଫେଇ କର୍ମଚାରୀ ସୋମବାର କାହିଁକି କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି ତାହା ଜଣାପଡ଼ିନାହିଁ। ଏପରିକି ଆନ୍ଦୋଳନ ନେଇ ସଫେଇ କର୍ମଚାରୀ ମୁହଁ ଖୋଲୁନାହାନ୍ତି। ତେବେ ସଫେଇ ନ କରି ସଫେଇ ପ୍ରତିଦିନ ପରି କରାଯାଇଛି ବୋଲି କୁହାଯାଇଛି। କିନ୍ତୁ ଗ୍ରାଉଣ୍ଡ ଜିରୋ ରିପୋର୍ଟ କହୁଛି, ନୟାଗଡ ବଜାର ସମେତ ବିଭିନ୍ନ ୱାର୍ଡ ସଫେଇ ହୋଇ ନ ଥିବାରୁ ଅଳିଆ ପଡ଼ି ରହିଛି। ମଙ୍ଗଳବାର ସଫେଇ ନ ହେଲେ ଅଳିଆ ପାହାଡ଼ ଦେଖିବାକୁ ମିଳିବ।

**କାରଣ ଦର୍ଶାଅ ନୋଟିସ ପରେ ବିବାଦ**

ପରିମଳ ନିରୀକ୍ଷକ ଦେବରାଜ ମୁଦୁଲିଙ୍କୁ କାରଣ ଦର୍ଶାଅ ନୋଟିସ ପରେ ବିବାଦ ଘନୀଭୂତ ହୋଇଛି। ପରିମଳ ନିରୀକ୍ଷକ ବର୍ଷେ ହେଲା କାର୍ଯ୍ୟରେ ଯୋଗଦେଇଥିଲେ ହେଁ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇନାହିଁ। ଦାୟିତ୍ୱ ନ ମିଳିଥିବାରୁ ପରିମଳ ନିରୀକ୍ଷକ କାମ ନ କରି ଅଫିସରେ ବସି ବସି ଫେରୁଛନ୍ତି। ସେପଟେ ବିନା କାମରେ କିପରି ପରିମଳ ନିରୀକ୍ଷକ ଦରମା ପାଉଛନ୍ତି ତାହା ଅଫିସରଙ୍କ କାର୍ଯ୍ୟଦକ୍ଷତାକୁ ପଦାରେ ପକାଇଛି। ଏ ସମ୍ପର୍କରେ ପରିମଳ ନିରୀକ୍ଷକ ମୁଦୁଲିଙ୍କ ୭୦୦୮୬୭୬୬୨୧ ନଂ.କୁ ଯୋଗାଯୋଗ କରିବାରୁ ଫୋନ ଉଠାଇ ନ ଥିଲେ।

**ଭିନ୍ନ ଭିନ୍ନ କଥା କହୁଛନ୍ତି କାର୍ଯ୍ୟନିର୍ବାହୀ ଅଧିକାରୀ, ଅଧକ୍ଷ**

ସୋମବାର ନୟାଗଡ଼ ସହର ସଫେଇ ହୋଇନାହିଁ। ତେବେ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ଓ ଅଧକ୍ଷ ନିରୁପମା ଖଟେଇଙ୍କ ସଫେଇକୁ ଅନୁଧ୍ୟାନକଲେ କଥାରେ ଭିନ୍ନତା ଆସୁଛି। ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଆଚାର୍ଯ୍ୟ କହିଛନ୍ତି, ପ୍ରତିଦିନ ପରି ସୋମବାର ସଫେଇ ହୋଇଛି। କିଛି ଅସୁବିଧା ନାହିଁ। ସୋମବାର ବିଳମ୍ବରେ ସଫେଇ ହୋଇଥିଲା। ସଫେଇ ପରେ ଅଳିଆ ଗଦା ରହିଥାଇ ପାରେ। ମଙ୍ଗଳବାର ସଫେଇ କରାଯିବ। ସବୁ କିଛି ଠିକ୍‌ଠାକ୍ ରହିଛି। ଅଧକ୍ଷ ଖଟେଇଙ୍କୁ ପଚାରିବାରୁ ଅସୁସ୍ଥତା ଯୋଗୁ ଭୁବନେଶ୍ୱର ଚିକିତ୍ସିତ ହେବାକୁ ଆସିଛି। ସୋମବାର ସଫେଇ ହୋଇଛି କି ନାହିଁ ମୋ ପାଖରେ ଖବର ନାହିଁ। ତେବେ ପରିମଳ ନିରୀକ୍ଷକ ଦେବରାଜ ମୁଦୁଲିଙ୍କୁ କାରଣ ଦର୍ଶାଅ ନୋଟିସ ପରେ ବିବାଦ ହୋଇଥିବା କୁହାଯାଉଛି। ଏହାର ସମାଧାନ କରିବାକୁ ଉଦ୍ୟମ କରିଥିଲେ ହେଁ ସଫଳତା ମିଳିପାରିନାହିଁ। ଚିକିତ୍ସିତ ହୋଇ ଫେରିଲେ ତୁରନ୍ତ ଏହାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ୨ ଶିକ୍ଷକଙ୍କୁ ଡେପୁଟେଶନରେ ପଠାଇବା ପରେ ବିବାଦ

**୩ ଶିକ୍ଷକଙ୍କୁ ୮ ଶ୍ରେଣୀ**

ନୟାଗଡ଼,୧୧।୩(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ କେନ୍ଦୁଡ଼ିପି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୮ଟି ଶ୍ରେଣୀ ପାଇଁ ୩ ଶିକ୍ଷକ ପାଠ ପଢ଼ାଉଛନ୍ତି। ୨୬୦ ଛାତ୍ରୀଛାତ୍ରଙ୍କୁ ୩ଜଣ ଶିକ୍ଷକ ପାଠପଢ଼ାଇବାରେ ଅସୁବିଧା ହେଉଥିବାରୁ ଗାଁଲୋକ ଅସନ୍ତୋଷ ବ୍ୟକ୍ତ କରି ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସ୍କୁଲରେ ଶିକ୍ଷକ ଅଭାବ ଥିବାବେଳେ ଶିକ୍ଷା ବିଭାଗ ୨ଜଣ ଶିକ୍ଷକଙ୍କୁ ଡେପୁଟେଶନରେ ପଠାଇବାରୁ ଅସନ୍ତୋଷ ସୃଷ୍ଟି ହୋଇଛି। ଜଣେ ଶିକ୍ଷକ ୫ବର୍ଷ ହେଲା ଡେପୁଟେଶନରେ ଯାଇଥିବାବେଳେ ୨ଦିନ ହେଲା ଆଉ ଜଣେ ଶିକ୍ଷୟିତ୍ରୀଙ୍କୁ ଡେପୁଟେଶନରେ ପଠା ଯାଇଛି। ଏହା ଜଣାପଡ଼ିବା ପରେ ସୋମବାର ଗାଁରେ ସଭା ବସାଇବାକୁ ନିଷ୍ପତ୍ତି ହୋଇଛି। ସଭାର ନିଷ୍ପତ୍ତି ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି। ପ୍ରକାଶଥାଉ କି ୧୯୫୪ ମସିହାରେ କେନ୍ଦୁଡ଼ିପି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହୋଇଥିଲା। ଏଥିରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ପାଠ ପଢୁଛନ୍ତି।

# ୧୦୦ ଶଯ୍ୟାବିଶିଷ୍ଟ ହସ୍ପିଟାଲର ଶୁଭଦେଲେ କନ୍ଧମାଳ ଏମ୍‌ପି

ଦଶପଲ୍ଲା,୧୧।୩
(ପ୍ରକାଶ କୁମାର ପାଣି)



କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ଏବଂ ଅତିଥି ବୃନ୍ଦ।

କିଟ୍ ଆର୍ଥିକ ସହାୟତାରେ ଦଶପଲ୍ଲାସ୍ଥିତ ଖମାରସାହି ନିକଟରେ କିମ୍‌ସର ୧୦୦ ଶଯ୍ୟା ବିଶିଷ୍ଟ ସୁପରସ୍ପେଶାଲିଟି ହସ୍ପିଟାଲ ନିର୍ମାଣ ପାଇଁ ସୋମବାର କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ଭୂମିପୂଜନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇଥିବା ବେଳେ ହଜାରେରୁ ଊର୍ଦ୍ଧ୍ୱ ସଂଖ୍ୟାରେ ଯୁବକ, ଛାତ୍ର, ମହିଳା ମଧ୍ୟ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରୁ ଉପସ୍ଥିତ ଅତିଥିମାନେ କନ୍ଧମାଳ ଏମ୍‌ପି ଡ. ସାମନ୍ତଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ଭୂମିପୂଜନ ସ୍ଥାନକୁ ପାଛୋଟି ନେଇଥିଲେ। ପରେ ସେଠାରେ ଏମ୍‌ପି ଡ. ସାମନ୍ତ ୧୦୦ ଶଯ୍ୟା ବିଶିଷ୍ଟ ମେଡିକାଲର ଶୁଭ ଦେଇଥିଲେ। ପରେ ଏମ୍‌ପିଙ୍କୁ ଧନ୍ୟବାଦ ଉଦ୍ଦେଶ୍ୟରେ ଏକ ସଭାର ଆୟୋଜନ ହୋଇଥିଲା। ସେଠାରେ ଦଶପଲ୍ଲାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଏମ୍‌ପିଙ୍କୁ ଫୁଲତୋଡ଼ା, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଏମ୍‌ପି ଡ. ସାମନ୍ତଙ୍କ ନେତୃତ୍ୱରେ କନ୍ଧମାଳ ଜିଲାରେ ହୋଇଥିବା ନିଯୁକ୍ତି ମେଳାରେ ଦଶପଲ୍ଲାର ହଜାରରୁ ଊର୍ଦ୍ଧ୍ୱ ଯୁବକ ନିଯୁକ୍ତି ପାଇଥିବାବେଳେ କେତେଜଣ ଯୁବକଙ୍କୁ ଏମ୍‌ପି ହାତରେ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ପରେ ଦଶପଲ୍ଲାର କେତେଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯିବା ନେଇ ଘୋଷଣା କରାଯାଇଥିଲା। ଉପସ୍ଥିତ ଜନସାଧାରଣ, ବୁଦ୍ଧିଜୀବୀ, ନେତୃ ମଣ୍ଡଳୀ କନ୍ଧମାଳ ଏମ୍‌ପିଙ୍କୁ ଭୂୟସୀ ପ୍ରଶଂସା କରିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ବିଭୂତି


@ ବିଦେଶୀ


@ ରମ୍ୟରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପଞ୍ଚମୁଖୀ ହନୁମାନଙ୍କ ମନ୍ଦିରରେ ସମୂହ ବ୍ରତୋପନୟନ

ଖଣ୍ଡପଡ଼ା,୧୧।୩ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ଯାତ୍ରାପଦା ବଜାରସ୍ଥିତ ଫଣେଶ୍ୱର ମହାଦେବ ଓ ପଞ୍ଚମୁଖୀ ହନୁମାନଜୀଉଙ୍କ ବିଜେସ୍ଥଳୀ ପରିସରରେ ୨୪ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅବସରରେ ସୋମବାର ସମୂହ ବ୍ରତୋପନୟନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୬ଜଣ ବ୍ରହ୍ମଚାରୀ ଅଠମଲ୍ଲିକ, ନୟାଗଡ଼ ଚମ୍ପତିପୁର ଓ ସୁବଳୟା, ଆଡକଟା, ଜୁଡୁ, ବୌଦ୍ଧ ପୁରୁଣା କଟକ, କଟକ ଜିଲା ଅଧୀନ ସିଆରିଆ, ବଡ଼ମ୍ବା ଆଦି ଅଞ୍ଚଳରୁ ସେମାନଙ୍କ ପରିବାର ସହ ଆସି ବ୍ରହ୍ମଚାରୀ ରୀତିନୀତି ଅନୁସାରେ ବ୍ରତୋପନୟନ ସହ ଯଜ୍ଞୋପବିତ ଗ୍ରହଣ କରିଥିଲେ। ମନ୍ଦିର କମିଟି ପକ୍ଷରୁ ଏହି ସମୂହ ବ୍ରତୋପନୟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ଭାବେ ରଜନିକାନ୍ତ ମିଶ୍ର, ସହଯୋଗୀ ରଜତ କୁମାର ମିଶ୍ର, ପୁରୋହିତ ଭାବେ ବସନ୍ତ କୁମାର ମିଶ୍ର ଓ ଶ୍ୟାମାପ୍ରସାଦ ମିଶ୍ର ପ୍ରମୁଖ ବ୍ରତୋପନୟନ କାର୍ଯ୍ୟ ପରିଚାଳନା କରିଥିଲେ। ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରତିଷ୍ଠାତା ଗୋପାଳ ଚନ୍ଦ୍ର ଅଗ୍ରୱାଲ ଏବଂ ମନ୍ଦିର ପରିଚାଳନା କମିଟିର ସଭ୍ୟ ଯଥାକ୍ରମେ ଲକ୍ଷ୍ମୀଧର ଚିନରା, ହେମନ୍ତ କୁମାର ସେଠୀ, ସନ୍ତୋଷ କୁମାର ଅଗ୍ରୱାଲା, ଭଗବାନଦାସ ଅଗ୍ରୱାଲା, ଦଣ୍ଡପାଣି ବେହେରା, ରମାକାନ୍ତ ସାହୁ, ପ୍ରକାଶ ବେହେରା, କୃଷ୍ଣଚନ୍ଦ୍ର ସାହୁ ଓ କାଳନ୍ଦୀ ଚରଣ ବାରିକ ପ୍ରମୁଖ ଏହି


ସମୂହ ବ୍ରତୋପନୟନରେ ବ୍ରହ୍ମଚାରୀମାନେ।

ସମୂହ ବ୍ରତୋପନୟନ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ସମସ୍ତ ଗ୍ରାମବାସୀ ଓ ବ୍ରହ୍ମଚାରୀମାନଙ୍କ ପରିବାରବର୍ଗଙ୍କୁ ସାଧୁବାଦ ଜଣାଇଥିଲେ। ବ୍ରତୋପନୟନ ଆନୁଷ୍ଠାନିକ କାର୍ଯ୍ୟକ୍ରମ ପରେ ସମସ୍ତ ବ୍ରହ୍ମଚାରୀଙ୍କ ସହ ସେମାନଙ୍କ ପରିବାର ଲୋକେ ଓ ଶତାଧିକ ଜନସାଧାରଣ ଗ୍ରାମ ପରିକ୍ରମା କରି ଶ୍ରୀନୀଳମାଧବ ଜୀଉଙ୍କ ସିଂହଦ୍ୱାରକୁ ଯାଇ ଠାକୁରଙ୍କ ଆଶୀର୍ବାଦ କାମନା କରିଥିଲେ।

# ଶ୍ରୀଜଗନ୍ନାଥଙ୍କ ୪ମାସ ହେଲା ପ୍ରସାଦ ବନ୍ଦ

ନୟାଗଡ଼/ରଣପୁର,୧୧।୩
(ଲୋକନାଥ ମିଶ୍ର/
ସୁକାନ୍ତ କିଶୋର ଡାକୁଆ)

- ୭ଦିନ ମଧରେ ସମାଧାନ ନ ହେଲେ ଧାରଣା
- ଦେବୋତ୍ତର ଅଧିକାରୀଙ୍କୁ ଶ୍ରୀଜଗନ୍ନାଥ ସେନାର ଫେରାଦ

ନୟାଗଡ଼ ଜିଲା ରଣପୁର ବ୍ଲକ ରଣପୁରଗଡର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରରେ ପ୍ରସାଦ ପ୍ରାୟ ୫ମାସ ହେଲା ବନ୍ଦ ରହିଛି। ପ୍ରସାଦକୁ ପୁନଃ ଚାଲୁ କରିବା ପାଇଁ ଭକ୍ତଙ୍କ ପକ୍ଷରୁ ଦାବି ହୋଇ ଆସୁଥିଲେ ମଧ୍ୟ ପ୍ରତିକାର ନାହିଁ। ଏଭଳିସ୍ଥଳେ ଶ୍ରୀଜଗନ୍ନାଥ ସେନା ଓ ରଣପୁର ଜନସାଧାରଣଙ୍କ ପକ୍ଷରୁ ଦେବୋତ୍ତର ଅଧିକାରୀ ତଥା ରଣପୁର ତହସିଲଦାରଙ୍କୁ ଅବଢ଼ା ପ୍ରସାଦକୁ ପୁନଃ ଜାରି ରଖିବାକୁ ନିବେଦନ କରାଯାଇଛି। ୭ଦିନ ମଧ୍ୟରେ ଶ୍ରୀମନ୍ଦିରରେ ଅବଢ଼ା ପ୍ରସାଦ କରା ନ ଗଲେ ସିଂହଦ୍ୱାର ସମ୍ମୁଖରେ ଧାରଣା ଦିଆଯିବ ବୋଲି ଶ୍ରୀଜଗନ୍ନାଥ ସେନା ଓ ରଣପୁର ଜନସାଧାରଣଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ଅଭିଯୋଗ ଅନୁସାରେ, ୩୧।୩।୨୩ରେ ପ୍ରସାଦ କରାଯିବା ପାଇଁ ନିଲାମ ହୋଇଥିଲା। ଗଙ୍ଗାଧର ମହାପାତ୍ର ନିଲାମ ନେଇଥିଲେ। ୭।୧୦।୨୩ରୁ ପ୍ରସାଦ ଆଉ ଜଗନ୍ନାଥ ମନ୍ଦିରରେ ହେଉନାହିଁ। ଏଣୁ ଭକ୍ତମାନେ ପ୍ରସାଦ ନ ପାଇ ନିରାଶରେ ଫେରୁଛନ୍ତି। ମନ୍ଦିର ପ୍ରଶାସନ, ସୁଆର ଓ ନିଲାମଧାରୀଙ୍କ ମଧ୍ୟରେ ଆଲୋଚନା କରାଯାଇ ପୁଣି କରାଯାଇ ବିକ୍ରି କରାଯିବାକୁ ଦାବି ହୋଇ ଆସୁଛି। ହେଲେ ଭକ୍ତ ଓ ରଣପୁର ବାସିନ୍ଦାଙ୍କ ଦାବି ଶୀତଳଭଣ୍ଡାରକୁ ଚାଲିଯିବା ପରେ ୫ ମାସ ହେଲା ପ୍ରସାଦ ବନ୍ଦ ରହିଛି। ଅବଢ଼ା ବନ୍ଦ ନେଇ ଭକ୍ତ, ଶ୍ରଦ୍ଧାଳୁ ଓ ରଣପୁର ବାସିନ୍ଦା ଉଦ୍‌ବେଗ ପ୍ରକାଶ କରି ଆସୁଛନ୍ତି।

# ୬.୨୫ କୋଟି ଡିପୋଜିଟ୍ ପରେ ଆକାଉଣ୍ଟ ସଚଳ

ନୟାଗଡ଼,୧୧।୩(ଲୋକନାଥ ମିଶ୍ର)

**ପାନକାର୍ଡରେ ଜାଲିଆତି ଘଟଣା**

**ଆୟକର ବିଭାଗ ୬ ଆକାଉଣ୍ଟ ସିଲ୍ କରିଥିଲା**

ପାନ କାର୍ଡରେ ଜାଲିଆତି କରି ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ୩ଟି ପାନ କାର୍ଡ ହାତେଇ ନେବା ଘଟଣାରେ ବ୍ୟାଙ୍କକୁ ବହୁ ମୂଲ୍ୟ ଦେବାକୁ ପଡିଛି। ଆୟକର ବିଭାଗ ୧୩କୋଟି ୫୦ ଲକ୍ଷ ଜରିମାନା ଡିପୋଜିଟ୍‌କୁ ନିର୍ଦ୍ଦେଶ ଦେଇ ୬ଟି ବ୍ୟାଙ୍କ ଆକାଉଣ୍ଟ ସିଜ କରିଥିଲା। ବ୍ୟାଙ୍କ ୬ କୋଟି ୨୫ ଲକ୍ଷ ଟଙ୍କା ଡିପୋଜିଟ୍ କରି ଅବଶିଷ୍ଟ ଟଙ୍କା ଖୁବ୍‌ଶୀଘ୍ର ପ୍ରଦାନ କରିବାକୁ ଅଣ୍ଡର ଟେକିଂ ଦେବା ପରେ ଆକାଉଣ୍ଟ ପୁଣି ସଚଳ ହୋଇଛି। ଅନ୍ୟପକ୍ଷେ ଆୟକର ଟଙ୍କା ଡିପୋଜିଟ୍ ପାଇଁ ବ୍ୟାଙ୍କ ପକ୍ଷରୁ ୱାନ ଟାଇମ ସେଟଲମେଣ୍ଟ ପାଇଁ ନୟାଗଡ଼ ଜିଲାର ସବୁ ପ୍ୟାକ୍ସରୁ ୧୫ ହଜାର ଆଦାୟ ହୋଇଛି। ତେବେ ବ୍ୟାଙ୍କ ୱାନ ଟାଇମ ସେଟଲମେଣ୍ଟ ପ୍ରୟାସ ବିଫଳ ହୋଇଥିବା ଜଣାପଡିଛି।

ପ୍ରକାଶଥାଉକି ରାଜ୍ୟ ସମବାୟ ବ୍ୟାଙ୍କ ଅଧୀନରେ ୧୭ଟି କେନ୍ଦ୍ର ସମବାୟ ବ୍ୟାଙ୍କ କାମ କରୁଛି। କେନ୍ଦ୍ର ସମବାୟ ବ୍ୟାଙ୍କଗୁଡିକ ଋଣ ଦେଣନେଣ କରି ନିଜର କାରବାର ଚଳାଇଥାନ୍ତି। ଏକଦା ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ରାଜ୍ୟର ଶ୍ରେଷ୍ଠ ବ୍ୟାଙ୍କ ଭାବେ ପ୍ରସିଦ୍ଧି ଲାଭ କରିଥିଲା। ତେବେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କକୁ ଆୟକର ନୋଟିସ୍ ବ୍ୟାଙ୍କକୁ ବଦନାମ କରିଥିଲା। ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ ଦପ୍ତର ଦ୍ୱାରା ୨୦୦୬ରେ ଗୋଟିଏ ପାନ କାର୍ଡ ହୋଇଥିବାବେଳେ ୨୦୧୨ରେ ଅନ୍ୟ ଏକ ପାନ କାର୍ଡ ହୋଇଥିଲା। ସେହିଭଳି ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ଦଶପଲ୍ଲା ଶାଖାରେ ତୃତୀୟ ପାନକାର୍ଡ କରାଯାଇଥିଲା। ବ୍ୟକ୍ତି ହୁଅନ୍ତୁ ବା ଅନୁଷ୍ଠାନ ଜଣଙ୍କ ପାଇଁ ଗୋଟିଏ ପାନ କାର୍ଡ କରିବାକୁ ନିୟମ ଥିବାବେଳେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ୩ଟି ପାନ କାର୍ଡ କରି ଫସି ଯାଇଥିଲା। ଗୋଟିଏ ଅନୁଷ୍ଠାନ ନାଁରେ ୩ଟି ପାନ କାର୍ଡ ହୋଇଥିବାବେଳେ ଆୟକର ରିଟର୍ଣ୍ଣ ନ ଦେବା କାରଣରୁ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କକୁ ୩୬୨ କୋଟି ୫୬ ଲକ୍ଷ ୪୨ ହଜାର ୭୬୩ ଟଙ୍କା ୨ ମାସ ଭିତରେ ଦାଖଲ କରିବାକୁ ଆୟକର ବିଭାଗରୁ ନୋଟିସ୍ ହୋଇଥିଲା। ଆୟକର ରିଟର୍ଣ୍ଣ ବାବଦକୁ ଯେତିକି ଟଙ୍କା ଆସିଛି ବ୍ୟାଙ୍କର ମୋଟ ଜମା ସେତିକି ମଧ୍ୟ ନାହିଁ। ଅନ୍ୟପକ୍ଷେ ରାଜ୍ୟ ସମବାୟ ବ୍ୟାଙ୍କ ଦ୍ୱାରା ପ୍ରେରିତ ସମ୍ପାଦକମାନଙ୍କର ତ୍ରୁଟି ଓ ଖାମଖିଆଲି ମନୋଭାବ ଯୋଗୁ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଫସି ଯାଇଛି ବୋଲି ଅଭିଯୋଗ ଉଠିଛି। ୨୦୨୪ ଜାନୁଆରୀରେ ଏହି ଘଟଣା ଲୋକ ଲୋଚନକୁ ଆସିଥିଲା। ଗୋଟିଏ ସଂସ୍ଥାର ୩ଟି ପାନ କାର୍ଡ ଘଟଣାକୁ ତର୍ଜମା କଲେ ବ୍ୟାଙ୍କ ସମ୍ପାଦକଙ୍କ ଭୂମିକା ସନ୍ଦେହ ଘେରକୁ ଆସିଥିଲା। ପାନ କାର୍ଡ ସମସ୍ୟାର ସମାଧାନ ନ ହେଲେ ୨୦୨୪ ମାର୍ଚ୍ଚ ୩୧ରେ ନୟାଗଡ କେନ୍ଦ୍ର ସମବାୟ ବ୍ୟାଙ୍କରେ ତାଲା ଝୁଲି ପାରେ ବୋଲି ଆଶଙ୍କା ପ୍ରକାଶ ପାଇଥିଲା। ଏ ନେଇ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ସମ୍ପାଦକ ପ୍ରସନ୍ନ ପାଳଙ୍କ ମୋବାଇଲ ନଂ. ୯୪୩୭୫୯୬୭୧୦କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଉଠାଇ ନ ଥିଲେ। ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ତଥା ରାଜ୍ୟ ସମବାୟ ବ୍ୟାଙ୍କର ଡାଇରେକ୍ଟର ସନ୍ୟାସି ପ୍ରଧାନଙ୍କୁ ପଚାରିବାରେ ୧୩ କୋଟି ୫୦ ଲକ୍ଷ ଜରିମାନା ନୁହେଁ ଆୟକର ରିଟର୍ଣ୍ଣ ଡିପୋଜିଟ୍‌କୁ ଆୟକର ବିଭାଗ ନିର୍ଦ୍ଦେଶ ଦେଇଥିଲେ। ବ୍ୟାଙ୍କ ପକ୍ଷରୁ ୬ କୋଟି ୨୫ ଲକ୍ଷ ଟଙ୍କା ଡିପୋଜିଟ୍ କରି ଅବଶିଷ୍ଟ ଟଙ୍କା ଖୁବ୍‌ଶୀଘ୍ର ପ୍ରଦାନ କରିବାକୁ ଅଣ୍ଡର ଟେକିଂ କରାଯାଇଛି। ସେହିପରି ୩ଟି ପାନ କାର୍ଡ ଘଟଣାର ସମାଧାନ ନ ହେଲା ପର୍ଯ୍ୟନ୍ତ ୬ଟି ଆକାଉଣ୍ଟକୁ ଚାଲୁ ନ କରିବାକୁ ପରାମର୍ଶ ଦେଇଛନ୍ତି। ଖୁବ୍‌ଶୀଘ୍ର ପାନ କାର୍ଡ ଘଟଣାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

# ଜଗତସିଂହପୁର ଘରେ ଘରେ ଲକ୍ଷ୍ମୀ

## କୁଜଙ୍ଗ ବ୍ଲକର ବିସ୍ତୃତ ମାର୍ଗ ବିବରଣୀ

### କୁଜଙ୍ଗ ⇆ ସାନବାଲିକାଣି ପ୍ରାଇମେରୀ ସ୍କୁଲ

| ବସ୍ ଷ୍ଟପ୍ | ଟ୍ରିପ୍-୧ ଆଗମନ | ଟ୍ରିପ୍-୧ ପ୍ରସ୍ଥାନ | ଟ୍ରିପ୍-୨ ଆଗମନ | ଟ୍ରିପ୍-୨ ପ୍ରସ୍ଥାନ | ଟ୍ରିପ୍-୩ ଆଗମନ | ଟ୍ରିପ୍-୩ ପ୍ରସ୍ଥାନ | ଟ୍ରିପ୍-୪ ଆଗମନ | ଟ୍ରିପ୍-୪ ପ୍ରସ୍ଥାନ |
|---|---|---|---|---|---|---|---|---|
| କୁଜଙ୍ଗ | -- | ୬.୦୦ | -- | ୮.୪୦ | -- | ୧୧.୨୦ | -- | ୩.୦୦ |
| ଷଣ୍ଢପୁର | ୬.୦୨ | ୬.୦୩ | ୮.୪୨ | ୮.୪୩ | ୧୧.୨୨ | ୧୧.୨୩ | ୩.୦୨ | ୩.୦୩ |
| ଜିଲ୍ଲାନାସୀ ଗ୍ରା.ପ. ମୁଖ୍ୟାଳୟ | ୬.୦୬ | ୬.୦୮ | ୮.୪୬ | ୮.୪୮ | ୧୧.୨୬ | ୧୧.୨୮ | ୩.୦୬ | ୩.୦୮ |
| ତାଳଦଣ୍ଡା-ଚୌଧୁରୀଗଡ଼ | ୬.୦୯ | ୬.୧୧ | ୮.୪୯ | ୮.୫୧ | ୧୧.୨୯ | ୧୧.୩୧ | ୩.୦୯ | ୩.୧୧ |
| ପଥୁରିଆ | ୬.୧୩ | ୬.୧୪ | ୮.୫୩ | ୮.୫୪ | ୧୧.୩୩ | ୧୧.୩୪ | ୩.୧୩ | ୩.୧୪ |
| ପଙ୍କପାଳ | ୬.୧୬ | ୬.୧୮ | ୮.୫୬ | ୮.୫୮ | ୧୧.୩୬ | ୧୧.୩୮ | ୩.୧୬ | ୩.୧୮ |
| ଚାନ୍ଦପୁର | ୬.୨୦ | ୬.୨୨ | ୯.୦୦ | ୯.୦୨ | ୧୧.୪୦ | ୧୧.୪୨ | ୩.୨୦ | ୩.୨୨ |
| ଚେରମାଣପୁର | ୬.୨୪ | ୬.୨୬ | ୯.୦୪ | ୯.୦୬ | ୧୧.୪୪ | ୧୧.୪୬ | ୩.୨୪ | ୩.୨୬ |
| ରାହାମା | ୬.୨୮ | ୬.୩୦ | ୯.୦୮ | ୯.୧୦ | ୧୧.୪୮ | ୧୧.୫୦ | ୩.୨୮ | ୩.୩୦ |
| ଗୋବର୍ଦ୍ଧନପୁର / କାଠକୋଟ / ଖୋସଳପୁର | ୬.୩୬ | ୬.୩୮ | ୯.୧୬ | ୯.୧୮ | ୧୧.୫୬ | ୧୧.୫୮ | ୩.୩୬ | ୩.୩୮ |
| ସାମପୁର ଛକ | ୬.୪୧ | ୬.୪୩ | ୯.୨୧ | ୯.୨୩ | ୧୨.୦୧ | ୧୨.୦୩ | ୩.୪୧ | ୩.୪୩ |
| ହଂସୁରା ଗ୍ରା.ପ୍ର. ଅଫିସ / ଧବଳେଶ୍ୱର ହାଇସ୍କୁଲ | ୬.୪୫ | ୬.୪୭ | ୯.୨୫ | ୯.୨୭ | ୧୨.୦୫ | ୧୨.୦୭ | ୩.୪୫ | ୩.୪୭ |
| ବଡ଼ପାଳ | ୬.୫୦ | ୬.୫୨ | ୯.୩୦ | ୯.୩୨ | ୧୨.୧୦ | ୧୨.୧୨ | ୩.୫୦ | ୩.୫୨ |
| ସାନବାଲିକାଣି ପ୍ରା. ସ୍କୁଲ | ୬.୫୭ | --- | ୯.୩୭ | -- | ୧୨.୧୭ | -- | ୩.୫୭ | -- |

### ସାନବାଲିକାଣି ପ୍ରାଇମେରୀ ସ୍କୁଲ ⇆ କୁଜଙ୍ଗ

| ବସ୍ ଷ୍ଟପ୍ | ଟ୍ରିପ୍-୧ ଆଗମନ | ଟ୍ରିପ୍-୧ ପ୍ରସ୍ଥାନ | ଟ୍ରିପ୍-୨ ଆଗମନ | ଟ୍ରିପ୍-୨ ପ୍ରସ୍ଥାନ | ଟ୍ରିପ୍-୩ ଆଗମନ | ଟ୍ରିପ୍-୩ ପ୍ରସ୍ଥାନ | ଟ୍ରିପ୍-୪ ଆଗମନ | ଟ୍ରିପ୍-୪ ପ୍ରସ୍ଥାନ |
|---|---|---|---|---|---|---|---|---|
| ସାନବାଲିକାଣି ପ୍ରା. ସ୍କୁଲ | -- | ୭.୧୦ | -- | ୯.୫୦ | -- | ୧୨.୩୦ | -- | ୪.୧୦ |
| ବଡ଼ପାଳ | ୭.୧୫ | ୭.୧୭ | ୯.୫୫ | ୯.୫୭ | ୧୨.୩୫ | ୧୨.୩୭ | ୪.୧୫ | ୪.୧୭ |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |

## କୁଜଙ୍ଗ ବ୍ଲକର ବିସ୍ତୃତ ମାର୍ଗ ବିବରଣୀ
### କୁଜଙ୍ଗ ⇆ ପାଣ୍ଡୁଆ ହାଇସ୍କୁଲ
### ପାଣ୍ଡୁଆ ହାଇସ୍କୁଲ ⇆ କୁଜଙ୍ଗ

## କୁଜଙ୍ଗ ବ୍ଲକର ବିସ୍ତୃତ ମାର୍ଗ ବିବରଣୀ
### [illegible]
### [illegible]

## କୁଜଙ୍ଗ ବ୍ଲକର ବିସ୍ତୃତ ମାର୍ଗ ବିବରଣୀ
### କୁଜଙ୍ଗ ⇆ ମଙ୍ଗଳପୁର ଗ୍ରା.ପ. ଅଫିସ
### ମଙ୍ଗଳପୁର ଗ୍ରା.ପ. ଅଫିସ ⇆ କୁଜଙ୍ଗ

## କୁଜଙ୍ଗ ବ୍ଲକର ବିସ୍ତୃତ ମାର୍ଗ ବିବରଣୀ
### କୁଜଙ୍ଗ ⇆ ଗୋରଡ଼ା
### ଗୋରଡ଼ା ⇆ କୁଜଙ୍ଗ
### କୁଜଙ୍ଗ ⇆ ଅଗରପାଡ଼ା ଗ୍ରା.ପ. ଅଫିସ୍
### ଅଗରପାଡ଼ା ଗ୍ରା.ପ. ଅଫିସ୍ ⇆ କୁଜଙ୍ଗ

## ବାଲିକୁଦା ବ୍ଲକର ବିସ୍ତୃତ ମାର୍ଗ ବିବରଣୀ
### ବାଲିକୁଦା ବସ୍‌ଷ୍ଟାଣ୍ଡ ⇆ ବାନ୍ଦରା
### ବାନ୍ଦରା ⇆ ବାଲିକୁଦା ବସ୍‌ଷ୍ଟାଣ୍ଡ
### ବାଲିକୁଦା ବସ୍‌ଷ୍ଟାଣ୍ଡ ⇆ ତେନ୍ତୁଳିବେଲାରି ହାଟ ଏବଂ ନରେନ୍ଦ୍ର ଛକ
### ତେନ୍ତୁଳିବେଲାରି ହାଟ ଏବଂ ନରେନ୍ଦ୍ର ଛକ ⇆ ବାଲିକୁଦା ବସ୍‌ଷ୍ଟାଣ୍ଡ
### ବାଲିକୁଦା ବସ୍‌ଷ୍ଟାଣ୍ଡ ⇆ ବାନାମୂର ଗାଦି
### ବାନାମୂର ଗାଦି ⇆ ବାଲିକୁଦା ବସ୍‌ଷ୍ଟାଣ୍ଡ
### ବାଲିକୁଦା ବସ୍‌ଷ୍ଟାଣ୍ଡ ⇆ କୃଷ୍ଣଦାସପୁର ଜି.ପି ଅଫିସ୍
### କୃଷ୍ଣଦାସପୁର ଜି.ପି ଅଫିସ୍ ⇆ ବାଲିକୁଦା ବସ୍‌ଷ୍ଟାଣ୍ଡ
### ବାଲିକୁଦା ବସ୍‌ଷ୍ଟାଣ୍ଡ ⇆ ବାହାକଣ ଛକ
### ବାହାକଣ ଛକ ⇆ ବାଲିକୁଦା ବସ୍‌ଷ୍ଟାଣ୍ଡ
### ବାଲିକୁଦା ବସ୍‌ଷ୍ଟାଣ୍ଡ ⇆ ସାହାଡ଼ା ପୋଲ
### ବାଲିକୁଦା ବସ୍‌ଷ୍ଟାଣ୍ଡ ⇆ ସାହାଡ଼ା ପୋଲ
### ବାଲିକୁଦା ବସ୍‌ଷ୍ଟାଣ୍ଡ ⇆ ତାରସାହି
### ତାରସାହି ⇆ ବାଲିକୁଦା ବସ୍‌ଷ୍ଟାଣ୍ଡ

## ରଘୁନାଥପୁର ବ୍ଲକର ବିସ୍ତୃତ ମାର୍ଗ ବିବରଣୀ
### ବିଜୁ ପଟ୍ଟନାୟକ ଛକ ⇆ ବିଜୁ ପଟ୍ଟନାୟକ ଛକ
### ବିଜୁ ପଟ୍ଟନାୟକ ଛକ ⇆ ଜିରା ଛକ
### ଜିରା ଛକ ⇆ ବିଜୁ ପଟ୍ଟନାୟକ ଛକ

ଅଧିକ ସୂଚନା ପାଇଁ http://www.osrtc.in/notificationsAndCirculars.html ରେ ଲଗଇନ୍ କରନ୍ତୁ

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୨ ମାର୍ଚ୍ଚ, ୨୦୨୪

ଓଡ଼ିଶା ଶାସନ
OSRTC
5T
ଆମ ଓଡ଼ିଶା ନବୀନ ଓଡ଼ିଶା
LAXMI
ଘରେ ଘରେ ଲକ୍ଷ୍ମୀ



# ଜଗତସିଂହପୁର ଜିଲ୍ଲା

## ଜଗତସିଂହପୁର ସଦର ବ୍ଲକର ବିସ୍ତୃତ ମାର୍ଗ ବିବରଣୀ

### ଜଗତସିଂହପୁର ବ୍ଲକ ମୁଖ୍ୟାଳୟ ⇆ ସତ୍ୟପ୍ରିୟ ଛକ (ବୀରବର ପାଟଣା)

| | ଟ୍ରିପ୍-୧ | | ଟ୍ରିପ୍-୨ | | ଟ୍ରିପ୍-୩ | | ଟ୍ରିପ୍-୪ | | ଟ୍ରିପ୍-୫ | |
|---|---|---|---|---|---|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ଜଗତସିଂହପୁର ବ୍ଲକ ମୁଖ୍ୟାଳୟ | - | ୬.୦୦ | - | ୮.୪୫ | - | ୧୧.୨୫ | - | ୨.୦୫ | - | ୪.୪୫ |
| ହାଟ ବଜାର | ୬.୦୩ | ୬.୦୪ | ୮.୪୮ | ୮.୪୯ | ୧୧.୨୮ | ୧୧.୨୯ | ୨.୦୮ | ୨.୦୯ | ୪.୪୮ | ୪.୪୯ |
| ଯଶୋବନ୍ତପୁର କାଠପୋଲ | ୬.୦୮ | ୬.୧୦ | ୮.୫୩ | ୮.୫୫ | ୧୧.୩୩ | ୧୧.୩୫ | ୨.୧୩ | ୨.୧୫ | ୪.୫୩ | ୪.୫୫ |
| ଆଳିପିଙ୍ଗଳ ବଜାର | ୬.୧୨ | ୬.୧୪ | ୮.୫୭ | ୮.୫୯ | ୧୧.୩୭ | ୧୧.୩୯ | ୨.୧୭ | ୨.୧୯ | ୪.୫୭ | ୪.୫୯ |
| ପଟସରା | ୬.୧୭ | ୬.୧୮ | ୯.୦୨ | ୯.୦୩ | ୧୧.୪୨ | ୧୧.୪୩ | ୨.୨୨ | ୨.୨୩ | ୫.୦୨ | ୫.୦୩ |
| ଏକସ୍ଥ ଛକ | ୬.୨୨ | ୬.୨୪ | ୯.୦୭ | ୯.୦୯ | ୧୧.୪୭ | ୧୧.୪୯ | ୨.୨୭ | ୨.୨୯ | ୫.୦୭ | ୫.୦୯ |
| ପାଟେଣୀଗାଁ ଯୋଡ଼କୁଳ | ୬.୨୮ | ୬.୩୦ | ୯.୧୩ | ୯.୧୫ | ୧୧.୫୩ | ୧୧.୫୫ | ୨.୩୩ | ୨.୩୫ | ୫.୧୩ | ୫.୧୫ |
| ସଭାମୂଳ ଉପର ପଳାସ ଛକ | ୬.୩୫ | ୬.୩୭ | ୯.୨୦ | ୯.୨୨ | ୧୨.୦୦ | ୧୨.୦୨ | ୨.୪୦ | ୨.୪୨ | ୫.୨୦ | ୫.୨୨ |
| କଣ୍ଟିଲୋ ତ୍ରିନାଥ ମନ୍ଦିର | ୬.୪୨ | ୬.୪୪ | ୯.୨୭ | ୯.୨୯ | ୧୨.୦୭ | ୧୨.୦୯ | ୨.୪୭ | ୨.୪୯ | ୫.୨୭ | ୫.୨୯ |
| ଗେଲାପୁର ବ୍ରିଜ | ୬.୪୯ | ୬.୫୧ | ୯.୩୪ | ୯.୩୬ | ୧୨.୧୪ | ୧୨.୧୬ | ୨.୫୪ | ୨.୫୬ | ୫.୩୪ | ୫.୩୬ |
| ଜାହାନପୁର | ୬.୫୪ | ୬.୫୫ | ୯.୩୯ | ୯.୪୦ | ୧୨.୧୯ | ୧୨.୨୦ | ୨.୫୯ | ୩.୦୦ | ୫.୩୯ | ୫.୪୦ |
| ରୋହିଆ ପାଟଣା ଛକ | ୬.୫୬ | ୬.୫୮ | ୯.୪୧ | ୯.୪୩ | ୧୨.୨୧ | ୧୨.୨୩ | ୩.୦୧ | ୩.୦୩ | ୫.୪୧ | ୫.୪୩ |
| ସତ୍ୟପ୍ରିୟ ଛକ (ବୀରବର ପାଟଣା) | ୭.୦୧ | - | ୯.୪୬ | - | ୧୨.୨୬ | - | ୩.୦୬ | - | ୫.୪୬ | - |

### ଜଗତସିଂହପୁର ବ୍ଲକ ମୁଖ୍ୟାଳୟ ⇆ ଜାହାନପୁର ଗ୍ରାମପଞ୍ଚାୟତ ଅଫିସ

| | ଟ୍ରିପ୍-୧ | | ଟ୍ରିପ୍-୨ | | ଟ୍ରିପ୍-୩ | | ଟ୍ରିପ୍-୪ | | ଟ୍ରିପ୍-୫ | |
|---|---|---|---|---|---|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ଜଗତସିଂହପୁର ବ୍ଲକ ମୁଖ୍ୟାଳୟ | - | ୬.୦୦ | - | ୮.୪୫ | - | ୧୧.୨୫ | - | ୨.୦୫ | - | ୪.୪୫ |
| ଜଗତସିଂହପୁର କଲେକ୍ଟରେଟ୍ | ୬.୦୫ | ୬.୦୬ | ୮.୪୯ | ୮.୫୧ | ୧୧.୨୯ | ୧୧.୩୧ | ୨.୦୯ | ୨.୧୧ | ୪.୪୯ | ୪.୫୧ |
| ଏସ୍‌ଭିଏମ୍ କଲେଜ | ୬.୧୦ | ୬.୧୨ | ୮.୫୫ | ୮.୫୭ | ୧୧.୩୫ | ୧୧.୩୭ | ୨.୧୫ | ୨.୧୭ | ୪.୫୫ | ୪.୫୭ |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |

### ସତ୍ୟପ୍ରିୟ ଛକ (ବୀରବର ପାଟଣା) ⇆ ଜଗତସିଂହପୁର ବ୍ଲକ ମୁଖ୍ୟାଳୟ

[illegible]

### ଜାହାନପୁର ଗ୍ରାମପଞ୍ଚାୟତ ଅଫିସ ⇆ ଜଗତସିଂହପୁର ବ୍ଲକ ମୁଖ୍ୟାଳୟ

[illegible]

### ଜଗତସିଂହପୁର ବ୍ଲକ ମୁଖ୍ୟାଳୟ ⇆ ମଧୁସୂଦନପୁର ଗ୍ରାମପଞ୍ଚାୟତ ଅଫିସ

[illegible]

### ମଧୁସୂଦନପୁର ଗ୍ରାମପଞ୍ଚାୟତ ଅଫିସ ⇆ ଜଗତସିଂହପୁର ବ୍ଲକ ମୁଖ୍ୟାଳୟ

[illegible]

### ଜଗତସିଂହପୁର ବ୍ଲକ ମୁଖ୍ୟାଳୟ ⇆ ମହିରା ୟୁ.ପି. ସ୍କୁଲ

[illegible]

### ମହିରା ୟୁ.ପି. ସ୍କୁଲ ⇆ ଜଗତସିଂହପୁର ବ୍ଲକ ମୁଖ୍ୟାଳୟ

[illegible]

### ଜଗତସିଂହପୁର ବ୍ଲକ ମୁଖ୍ୟାଳୟ ⇆ ବିଦ୍ୱଳ ଜଗନ୍ନାଥ ମନ୍ଦିର

[illegible]

### ବିଦ୍ୱଳ ଜଗନ୍ନାଥ ମନ୍ଦିର ⇆ ଜଗତସିଂହପୁର ବ୍ଲକ ମୁଖ୍ୟାଳୟ

[illegible]



## ନାଉଗାଁ ବ୍ଲକର ବିସ୍ତୃତ ମାର୍ଗ ବିବରଣୀ

### ନାଉଗାଁ ବ୍ଲକ୍ ମୁଖ୍ୟ କାର୍ଯ୍ୟାଳୟ ⇆ ଏରଡ଼ା ବାଲିସାହି

[illegible]

### ଏରଡ଼ା ବାଲିସାହି ⇆ ନାଉଗାଁ ବ୍ଲକ୍ ମୁଖ୍ୟ କାର୍ଯ୍ୟାଳୟ

[illegible]

### ନାଉଗାଁ ବ୍ଲକ ⇆ ନାଉଗାଁ ବ୍ଲକ

[illegible]

### ନୂଆପାଟଣା ପୋଲ ⇆ ନାଉଗାଁ ବ୍ଲକ୍ ମୁଖ୍ୟ କାର୍ଯ୍ୟାଳୟ

[illegible]

### ନାଉଗାଁ ବ୍ଲକ୍ ମୁଖ୍ୟ କାର୍ଯ୍ୟାଳୟ ⇆ ନୂଆପାଟଣା ପୋଲ

[illegible]

### ମହନାପାରି ⇆ ନାଉଗାଁ ବ୍ଲକ୍ ମୁଖ୍ୟ କାର୍ଯ୍ୟାଳୟ

[illegible]

### ନାଉଗାଁ ବ୍ଲକ୍ ମୁଖ୍ୟ କାର୍ଯ୍ୟାଳୟ ⇆ ମହନାପାରି

[illegible]

## ଏରସମା ବ୍ଲକର ବିସ୍ତୃତ ମାର୍ଗ ବିବରଣୀ

### ଏରସମା ନୂଆ ବସ୍‌ଷ୍ଟାଣ୍ଡ ⇆ ସରବନ୍ତ ମନ୍ଦିର ଛକ

[illegible]

### ସରବନ୍ତ ମନ୍ଦିର ଛକ ⇆ ଏରସମା ନୂଆ ବସ୍‌ଷ୍ଟାଣ୍ଡ

[illegible]

### ଏରସମା ନୂଆ ବସ୍‌ଷ୍ଟାଣ୍ଡ ⇆ କୁଞ୍ଜକୋଠି ଜିପି ଅଫିସ

[illegible]

### କୁଞ୍ଜକୋଠି ଜିପି ଅଫିସ ⇆ ଏରସମା ନୂଆ ବସ୍‌ଷ୍ଟାଣ୍ଡ

[illegible]

### ଏରସମା ନୂଆ ବସ୍‌ଷ୍ଟାଣ୍ଡ ⇆ ତିକରପଡ଼ା ଛକ

[illegible]

### ତିକରପଡ଼ା ଛକ ⇆ ଏରସମା ନୂଆ ବସ୍‌ଷ୍ଟାଣ୍ଡ

[illegible]

### ଏରସମା ନୂଆ ବସ୍‌ଷ୍ଟାଣ୍ଡ ⇆ ଜିଲିଆ ଜିପି ଅଫିସ ଛକ

[illegible]

### ଏରସମା ନୂଆ ବସ୍‌ଷ୍ଟାଣ୍ଡ ⇆ ରାମତରା ଛକ

[illegible]

### ଜିଲିଆ ଜିପି ଅଫିସ ଛକ ⇆ ଏରସମା ନୂଆ ବସ୍‌ଷ୍ଟାଣ୍ଡ

[illegible]

### ରାମତରା ଛକ ⇆ ଏରସମା ନୂଆ ବସ୍‌ଷ୍ଟାଣ୍ଡ

[illegible]

## ବିରିଡ଼ି ବ୍ଲକର ବିସ୍ତୃତ ମାର୍ଗ ବିବରଣୀ

### ବ୍ଲକ ମୁଖ୍ୟାଳୟ ⇆ ଆଖଣ୍ଡଳମଣି ଅଳକା କଲେଜ ପାଖ

[illegible]

### ଆଖଣ୍ଡଳମଣି ଅଳକା କଲେଜ ପାଖ ⇆ ବ୍ଲକ ମୁଖ୍ୟାଳୟ

[illegible]

### ବ୍ଲକ ମୁଖ୍ୟାଳୟ ⇆ ମଲ୍ଲିପୁର ପାର୍କ ଛକ

[illegible]

### ମଲ୍ଲିପୁର ପାର୍କ ଛକ ⇆ ବ୍ଲକ ମୁଖ୍ୟାଳୟ

[illegible]

### ବ୍ଲକ ମୁଖ୍ୟାଳୟ ⇆ ଅରଣା ଗ୍ରାମପଞ୍ଚାୟତ ଅଫିସ

[illegible]

### ଅରଣା ଗ୍ରାମପଞ୍ଚାୟତ ଅଫିସ ⇆ ବ୍ଲକ ମୁଖ୍ୟାଳୟ

[illegible]

### ବ୍ଲକ ମୁଖ୍ୟାଳୟ ⇆ ବେଲେଶ୍ୱରପୁର ମଲ୍ଲିକ ସାହି

[illegible]

### ବେଲେଶ୍ୱରପୁର ମଲ୍ଲିକ ସାହି ⇆ ବ୍ଲକ ମୁଖ୍ୟାଳୟ

[illegible]

### ବ୍ଲକ ମୁଖ୍ୟାଳୟ ⇆ ସାତିଲ୍ଲି ଛକ

[illegible]

### ସାତିଲ୍ଲି ଛକ ⇆ ବ୍ଲକ ମୁଖ୍ୟାଳୟ

[illegible]

ଅଧିକ ସୂଚନା ପାଇଁ http://www.osrtc.in/notificationsAndCirculars.html ରେ ଲଗଇନ୍ କରନ୍ତୁ

